**ସଂକ୍ଷେପରେ**

## ୩ ଦୋକାନର ତାଲା ଭାଙ୍ଗି ଚୋରି

**ରୂପ୍‌ସା, ୧।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳରେ ରବିବାର ରାତିରେ ୩ ଗ୍ରୋଶାରୀ ଓ ଷ୍ଟେଶନାରୀ ଦୋକାନର ତାଲା ଭାଙ୍ଗି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗଡ଼ପଦାରେ ନବକିଶୋର ଦାସ, ବାରାପାଳରେ ଅକ୍ଷୟ କୁମାର ଦାସ ଓ ତଳବାରାପାଳରେ ଚନ୍ଦନ ବାଡ଼ିଙ୍କ ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ପଇସା ସହ, ବହୁତ ଷ୍ଟେଶନାରୀ ସାମଗ୍ରୀ ଓ ଥଣ୍ଡା ପାନୀୟ ଚୋରି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଥାନାଧିକାରୀ ସୁଚନ୍ଦ୍ର ମହାଳିକ ସୋମବାର ପୂର୍ବାହ୍ନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗୋଟିଏ ରାତିରେ ୩ ଦୋକାନରୁ ଚୋରି ହେବା ଘଟଣାକୁ ନେଇ ବ୍ୟବସାୟୀ ମହଲରେ ଆତଙ୍କ ଖେଳିଯାଇଛି।

## ଯୌତୁକଜନିତ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ଜଳେଶ୍ୱର, ୧।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ବେଗୁନିଆ ଗ୍ରାମର ଶୁଭେନ୍ଦୁ ସାହୁଙ୍କ ସ୍ତ୍ରୀ ରୀତାରାଣୀଙ୍କ ରବିବାର ବିଳମ୍ବିତ ରାତିରେ ସ୍ଥାନୀୟ ଜିକେ ଭଞ୍ଜ ସରକାରୀ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ରୀତାରାଣୀଙ୍କୁ ଯୌତୁକ ପାଇଁ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦ ଓ ନଣନ୍ଦେଇ ମିଶି ହତ୍ୟା କରିଥିବା ତାଙ୍କ ବାପା ରବୀନ୍ଦ୍ର ପ୍ରଧାନ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରୀତାରାଣୀ ଓ ତାଙ୍କ ସ୍ୱାମୀ ଜଳେଶ୍ୱର ଥାନା ରାଜପୁର ଗ୍ରାମରେ ଭଡ଼ାରେ ରହୁଥିଲେ। ରୀତାରାଣୀ ବାପାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ୨ଟି କନ୍ୟା ସନ୍ତାନ ଜନ୍ମ ଦେଇଥିବାରୁ ତାଙ୍କୁ ଶ୍ୱଶୁର ଘର ସମସ୍ତେ ମିଶି ଦୀର୍ଘଦିନ ଧରି ଉଭୟ ମାନସିକ ତଥା ଶାରିରୀକ ନିର୍ଯାତନା ଦେଇ ଆସୁଥିଲେ। ଏହାସହିତ ଯୌତୁକ ବାବଦକୁ ଅଧିକ ୧ଲକ୍ଷ ଟଙ୍କା ଦାବି କରି ଆସୁଥିଲେ। ପୋଲିସ ଅଭିଯୋଗକୁ ଆଧାର କରି ଏକ ଯୌତୁକଜନିତ ବଧୂ ହତ୍ୟା ମାମଲା(ନଂ.୧୩୯/୧୯) ରୁଜୁ କରି ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛନ୍ତି। ରୀତାରାଣୀଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି।

## ସୁଧୁରୁନି ପରିମଳ ବ୍ୟବସ୍ଥା

**ବାଲିଆପାଳ, ୧।୭(ଡି.ଏନ.ଏ.):** ବାଲିଆପାଳ ବଜାରର କେନ୍ଦ୍ରସ୍ଥଳ କୁହାଯାଉଥିବା ବ୍ଲକ ଛକରେ ଏବେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତା ଉପରୁ ପିଚୁ ଉଠିଯାଇ ବଡ ବଡ ଖାଲଖାମ ସୃଷ୍ଟି ହୋଇଛି। ରାସ୍ତା କଡରେ କୁଢ କୁଢ ମଇଳା ଓ ଆବର୍ଜନା ଦିନ ଦିନ ଧରି ପଡିରହିଛି। ଡ୍ରେନ ମଧ ଆଦୌ ସଫା ହେଉନାହିଁ। ଏଠାରେ ଦୁଇଟି ହ୍ୟାଣ୍ଡପମ୍ପ ଥିଲେ ବି ଅଚଳ ହୋଇପଡିଛି। କେବଳ ଗୋଟିଏ ପାଣିଟ୍ୟାପ ରହିଛି ଏବଂ ସେଥିରୁ ଅଧିକାଂଶ ସମୟରେ ଗୋଳିଆ ପାଣି ଆସୁଛି। ବ୍ଲକ ଛକରେ ସବୁଠୁ ବଡ ସମସ୍ୟା ହେଉଛି ପାଇଖାନା ଓ ପରିସ୍ରାଗାର। ପ୍ରାୟ ୩ ବର୍ଷ ତଳେ ସୁଲଭ ଇଣ୍ଟରନ୍ୟାଶନାଲ କମ୍ପାନୀ ତରଫରୁ ଶୌଚାଳୟ ହେବ ବୋଲି ସର୍ଭେ ହୋଇଥିଲା। ତାହା କାଗଜ କଲମରେ ସୀମିତ ରହିଛି। ଅଧିକାଂଶ ଯାନବାହନ ଏହି ଛକରେ ଅଟକି ଅନ୍ୟ ଆଡକୁ ଯାଇଥାଏ। ମହିଳାମାନେ ପରିସ୍ରା ପାଇଖାନା ଯିବା ପାଇଁ ନାକେଦମ ହେଉଛନ୍ତି। ଏବେ ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ସ୍ଥାନଟି ପୂତିଗନ୍ଧମୟ ପରିବେଶରେ ପରିଣତ ହୋଇଛି। ଆରଡବ୍ଲ୍ୟୁଏସଏସ ବିଭାଗ ମଧ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ସେବା ସମବାୟ ସମିତିରେ ଅଚଳାବସ୍ଥା

- ଖରିଫ ଚାଷ ପାଇଁ ବିହନ, ସାର ପାଇପାରୁନାହାନ୍ତି ଚାଷୀ
- ଏଥର ପୂରଣ ହେଲାନି ରବି ଧାନକିଣା ଟାର୍ଗେଟ
- ପରିଚାଳନା ବୋର୍ଡ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ଅଭାବ

**ଖଇରା, ୧।୭(ଡି.ଏନ.ଏ.)**



ମାଣିତ୍ରୀ ସେବା ସମବାୟ ସମିତି।

ଭଦ୍ରକ ଏଆରସିଏସ୍ (ଆସିଷ୍ଟାଣ୍ଟ ରେଜିଷ୍ଟର କୋ-ଅପରେଟିଭ ସୋସାଇଟି) ଅଧୀନରେ ଥିବା ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଣିତ୍ରୀ ସେବା ସମବାୟ ସମିତିରେ ଅଚଳାବସ୍ଥା ଲାଗି ରହିଛି। ଖରିଫ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଚାଷୀମାନେ ବିହନ, ସାର ଓ ଋଣ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ସମିତିର ଅବ୍ୟବସ୍ଥା ନେଇ ପରିଚାଳନା ବୋର୍ଡ ସଭାପତି ଇସ୍ତଫା ଦେବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏଯାଏ କୌଣସି ପଦକ୍ଷେପ ନ ନେଇ ଉଦାସୀନ ରହିବା ନେଇ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଉଲ୍ଲେଖନୀୟ ଯେ, ସମ୍ପାଦକ ନିଯୁକ୍ତକୁ ନେଇ ବିବାଦ ଦେଖାଦେଇ ହାଇକୋର୍ଟକୁ ମାମଲା ଯିବା ପରେ ପଡୋଶୀ ଅନ୍ତରା ସେବା ସମବାୟ ସମିତିର ସମ୍ପାଦକ ସରୋଜକାନ୍ତ ବିଶ୍ୱାଳଙ୍କୁ ୨୦୧୮ ଜୁଲାଇ ୩୧ତାରିଖରେ ମାଣିତ୍ରୀ ସେବା ସମବାୟ ସମିତିର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଗତ ମାର୍ଚ୍ଚ ମାସରେ ଡାଲୁଅ ଧାନକିଣାକୁ ନେଇ ସମ୍ପାଦକ ଓ ଧାନ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏହାପରେ ଅତିରିକ୍ତ ଦାୟିତ୍ୱରେ ଥିବା ସମ୍ପାଦକ ବିଶ୍ୱାଳ ଗତ ମାର୍ଚ୍ଚ ୮ତାରିଖରୁ ସମିତିକୁ ଆଉ ଆସି ନ ଥିବା ଜଣାପଡିଛି। ଏଥିଲାଗି ଡାଲୁଅ ଧାନକିଣା ଠିକ୍ ଭାବେ ହୋଇ ନ ପାରିବାରୁ ୫ ହଜାର କୁଇଣ୍ଟାଲ ଧାନକିଣା ଟାର୍ଗେଟ ଫେରିଯାଇଥିଲା। ବର୍ତ୍ତମାନ ସୁଦ୍ଧା ସ୍ଥାୟୀ ସମ୍ପାଦକ ନିଯୁକ୍ତି ଦିଆଯାଇ ନ ଥିବାରୁ ଖରିଫ ଚାଷ ଲାଗି ଚାଷୀଙ୍କୁ ରିହାତିରେ ଧାନ ବିହନ ଏବଂ ସାର ମିଳିପାରୁନାହିଁ। ପ୍ରତିଦିନ ଚାଷୀମାନେ ସମିତିକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏଆରସିଏସ୍ କର୍ତ୍ତୃପକ୍ଷଙ୍କ ଉଦାସୀନତା ପ୍ରତିବାଦରେ ସମିତି ପରିଚାଳନା ବୋର୍ଡ ସଭାପତି ନରେନ୍ଦ୍ର ପଣ୍ଡା ଗତ ମାସ ୧୯ତାରିଖରୁ ନିଜ ପଦବୀରୁ ଇସ୍ତଫା ଦେବା ପରେ ପରିସ୍ଥିତି ଜଟିଳ ହୋଇପଡିଛି। ବିଭାଗୀୟ ଅଧିକାରୀ ଓ ପରିଚାଳନା ବୋର୍ଡ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଚାଷୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏପରିକି ରବି ଋତୁରେ ସ୍ୱଳ୍ପ ମିଆଦୀ ଋଣ ନେଇଥିବା ଚାଷୀ ନିର୍ଦ୍ଧାରିତ ସମୟରେ ଋଣ ପରିଶୋଧ କରିବା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଫଳରେ ସେମାନେ ଏକ ପ୍ରତିଶତ ବଦଳରେ ଏବେ ୧୩.୭୫ ପ୍ରତିଶତ ସୁଧ ଦେବାକୁ ବାଧ୍ୟ ହେବେ। ସମ୍ପାଦକ ନ ଥିବା ଆଳରେ ସହ ସମ୍ପାଦକଙ୍କୁ ଆର୍ଥିକ କ୍ଷମତା ଦିଆଯାଇ ନ ଥିବାରୁ ଋଣ ପରିଶୋଧ କରି ନ ପାରି ୯୮୬ ଚାଷୀ ଖିଲାପି ଋଣୀ ତାଲିକାଭୁକ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ସେହିପରି ସମିତି ଅଧୀନରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଞ୍ଚୟ ଜମାରାଶି ଦେଇ ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବିବାଦ ଓ ଚର୍ଚ୍ଚା ଘେରରେ ରହିଥିବା ମାଣିତ୍ରୀ ସମିତିକୁ ଅନ୍ୟ କୌଣସି ସମିତିର ସମ୍ପାଦକ ଆସିବାକୁ ଅନିଚ୍ଛା ପ୍ରକାଶ କରୁଥିବା କୁହାଯାଉଛି। ଅନ୍ୟପକ୍ଷେ ସମିତି ପରିଚାଳନା ବୋର୍ଡର ସମୟସୀମା ଜୁନ ୩୦ରେ ଶେଷ ହୋଇଯାଇଛି। ନୂତନ ପରିଚାଳନା ବୋର୍ଡ ଗଠନ ଲାଗି ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଚାଷୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ଚିନ୍ତାର ବିଷୟ ବୋଲି ପୁରୁଖା ଚାଷୀ ରତ୍ନାକର କର କହିଛନ୍ତି। ୫ମାସ ଧରି ସଭାପତି ବୋର୍ଡ ବୈଠକ ଡକା ନ ଯିବା ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଆଜି ସମିତିର ଏଭଳି ଦୁରବସ୍ଥା ହୋଇଛି ବୋଲି ବୋର୍ଡ ସଭ୍ୟ ଘନଶ୍ୟାମ ବାରିକ କହିଛନ୍ତି। ଏଆରସିଏସ୍‌ର ଜଣେ ଅଧିକାରୀ ଅସହଯୋଗ କରିବା କାରଣରୁ ସମିତିର ସମ୍ପାଦକ ନିଯୁକ୍ତ ଦିଆଯାଇ ପାରି ନ ଥିବା ସମ୍ପ୍ରତି ଇସ୍ତଫା ଦେଇଥିବା ବୋର୍ଡର ପୂର୍ବତନ ସଭାପତି ପଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏ ସମ୍ପର୍କରେ ଏଆରସିଏସ୍ ସ୍ୱାତିବାଳା ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ସମିତିର ଅଚଳାବସ୍ଥା ପାଇଁ ପରିଚାଳନା ବୋର୍ଡ ଅନେକାଂଶରେ ଦାୟୀ। ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଖୁବ୍ ଶୀଘ୍ର ସେଠାରେ ସମ୍ପାଦକ ପଦବୀରେ ନିଯୁକ୍ତି ଦିଆଯିବ।


ବାଲେଶ୍ୱର ଜିଲା ପ୍ରଶାସନ ଶୁଣାଣି ଶିବିରରେ ଲୋକେ ଅଭିଯୋଗ କରୁଛନ୍ତି।

- ୪ମାସ ପରେ ମିଳିତ ଶୁଣାଣି ଆରମ୍ଭ

## ୪୫ ଅଭିଯୋଗର ସମାଧାନ

**ବାଲେଶ୍ୱର ଅଫିସ, ୧।୭**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ସୋମବାରଠାରୁ ମିଳିତ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି। ନିର୍ବାଚନ ଆଚରଣ ବିଧି ଏବଂ ଗ୍ରୀଷ୍ମପ୍ରବାହ ଲାଗି ପ୍ରାୟ ୪ମାସ ଧରି ସାମୟିକ ଭାବେ ବନ୍ଦ ରହିଥିବା ମିଳିତ ଅଭିଯୋଗ ଶୁଣାଣିରେ ୭୪ ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ୪୫ ସମାଧାନ ହୋଇଥିବା ଜଣାପଡ଼ିଛି।

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମିଳିତ ଅଭିଯୋଗ ଶୁଣାଣିରେ ଜିଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ସମ୍ବିତ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ନିଜର ସମସ୍ୟାର ସମାଧାନ ପାଇଁ ଜନସାଧାରଣ ଆସିଥିବା ବେଳେ ସେଥିମଧ୍ୟରୁ ୬୯ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦ୍ଦେବ, ଡିଏସ୍‌ପି ଉମେଶ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗ ସମ୍ବନ୍ଧିତ ସମସ୍ୟାଗୁଡ଼ିକର ସମାଧାନ କରିଥିଲେ।


ଠକେଇର ଶିକାର ହୋଇଥିବା ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ମହିଳା।

- ଋଣ ଦେବା ନାଁରେ ଠକେଇ

## ଥାନାର ଦ୍ୱାରସ୍ଥ ହେଲେ ଏସ୍‌ଏଚ୍‌ଜି ମହିଳା

**ରୂପ୍‌ସା, ୧।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ବାଖରାବାଦ ଗ୍ରାମର ଜଣେ ମହିଳା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାଙ୍କୁ ଋଣ ଦେବା ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଥାନାଧିକାରୀ ସୁଚନ୍ଦ୍ର ମହାଳିକ ସୋମବାର ଗାଁରେ ପହଞ୍ଚି ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ତଦନ୍ତ ଜାରି ରଖିଛନ୍ତି। ଏହି ଗାଁର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାଙ୍କଠାରୁ ସେ ଚେକ୍ ମାଧ୍ୟମରେ ଓ ନଗଦ ଅର୍ଥ ଆକାରରେ ଟଙ୍କା ନେଇ ଗୋଷ୍ଠୀର ମାସିକ କିସ୍ତି ପରିଶୋଧ କରିବା ସହ ବ୍ୟାଙ୍କରୁ ଋଣ ଆଣିଦେବେ ବୋଲି କହିଥିବା ଏତଲାରେ ଦର୍ଶାଯାଇଛି। ବର୍ଷେ ହେବ ସେ କୌଣସି ଋଣ ନ ଦେବା କିମ୍ବା ପଇସା ପରିଶୋଧ ନ କରିବାରୁ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏପରିକି ଉକ୍ତ ମହିଳା ଘରେ ରହୁ ନ ଥିବାରୁ ଗୋଷ୍ଠୀର ସଭ୍ୟାଙ୍କ ମଧ୍ୟରେ ସନ୍ଦେହ ଉପୁଜିଥିଲା। ପୂର୍ବରୁ ସେ ନିଜ ଗୋଷ୍ଠୀର କିସ୍ତି ଓ ଉଧାର ପଇସା ଶୁଝିବା ପାଇଁ ସମୟ ନେଇଥିଲେ ହେଁ ବର୍ଷେ ହେବ ଶୁଝି ନ ପାରିବାରୁ ବିଭିନ୍ନ ଗୋଷ୍ଠୀର ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଲିଖିତ ଅଭିଯୋଗ କରିଛନ୍ତି।

- ନାବାଳିକା ଅପହରଣ ମାମଲା

## ସହଯୋଗ କରୁନି ପୋଲିସ

**ବାଲେଶ୍ୱର ଅଫିସ, ୧।୭**

ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଜଣେ ଅନୁସୂଚିତ ଜାତିର ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଗତ ଏପ୍ରିଲ ୮ ତାରିଖରେ ବସ୍ତା ଥାନାରେ ମାମଲା (ନଂ. ୯୭/୧୯) ରୁଜୁ କରାଯାଇଥିଲା। ଖୋଜାଖୋଜିରେ ପୋଲିସ ସହଯୋଗ କରୁ ନ ଥିବା ସୋମବାର ଅନୁଷ୍ଠିତ ଜିଲାପାଳ ମିଳିତ ଅଭିଯୋଗ ଶୁଣାଣିରେ ନାବାଳିକାଙ୍କ ମା'ବାପା ଅଭିଯୋଗ କରିଛନ୍ତି।

ଦୀର୍ଘ ଅଢ଼େଇ ମାସ ମଧ୍ୟରେ ମା'ବାପା ଦୁଇଜଣ ଥାନା ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ସେ ଜଣେ ଗରିବ, ଦିନମଜୁରିଆ ହେଇଥିବା ପୋଲିସ ତାଙ୍କ କଥା ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଝିଅକୁ ନ ପାଇ ଉଭୟ ମା'ବାପା ମାନସିକ ଚାପରେ ରହିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କର ଅଭିଯୋଗକୁ ଡିଏସ୍‌ପି ଉମେଶ ପଣ୍ଡା ଗ୍ରହଣ କରିଛନ୍ତି। ଯଥାଶୀଘ୍ର ଏହାର ସମାଧାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ନାବାଳକଙ୍କ ସଲିଳ ସମାଧି

**ବସ୍ତା, ୧।୭(ସ୍ୱ.ପ୍ର.)**

ବସ୍ତା ବ୍ଲକ ସିଂଲା ଥାନା ଜାମଶୁଳି ଗ୍ରାମର ଚୈତନ୍ୟ ମୁର୍ମୁଙ୍କ ୧୨ ବର୍ଷର ପୁଅ କ୍ରିଷ୍ଣା ସୋମବାର ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ସେ ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ତାଙ୍କୁ ପରିବାର ଲୋକ ଖୋଜାଖୋଜି କରି ପୋଖରୀରୁ ସନ୍ଧ୍ୟାରେ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

## ପ୍ରଶସ୍ତି ସମ୍ମାନ ସମାରୋହ

**ଖଇରା, ୧।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଯୋଗ ସମିତି ତରଫରୁ ଜିଲା ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ନହଙ୍ଗ ବେଲଗଡ଼ିଆ ପଡ଼ିଆଠାରେ ରବିବାର ପ୍ରଶସ୍ତି ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି। ବୈଠକରେ ବାଲେଶ୍ୱର ଜିଲାର ବିଭିନ୍ନ ପ୍ରାନ୍ତ ଯଥା ବସ୍ତା, ଜଳେଶ୍ୱର, ରେମୁଣା, ନୀଳଗିରି, ଔପଦା, ଖଇରା, କୁପାରୀ ଅଞ୍ଚଳରୁ ଯୋଗ ଶିକ୍ଷକମାନେ ଉପସ୍ଥିତ ଥିଲେ। ଜିଲା ପ୍ରଚାରକ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ନିୟମିତ ଯୋଗାଭ୍ୟାସ ଜାରି ରଖିଲେ ସୁସ୍ଥ ରହିପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପତଞ୍ଜଳି ଯୋଗ ପ୍ରଭାରୀ ପ୍ରଶାନ୍ତ କୁମାର ଦାସ, ଯୋଗ ଶିକ୍ଷିକା କୌଶଲ୍ୟା ସାମଲ, ମାମିନା ରାଣୀ, କହ୍ନେୟା ମଲ୍ଲିକ, ଭୁବନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଯୋଗ ସ୍କିଲ ଡେଭେଲପମେଣ୍ଟ ଜରିଆରେ କରାଯାଇଥିବା ପରୀକ୍ଷାରେ ଉତ୍ତୀର୍ଣ୍ଣ ସମସ୍ତ ସଭ୍ୟାସଭ୍ୟଙ୍କୁ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା।


ପ୍ରଶିକ୍ଷଣ ଶିବିରରେ ରେଞ୍ଜର ଲିଡ଼ର ଡ. ଆରୁଣୀ ମିଶ୍ରଙ୍କୁ ପ୍ରଶସ୍ତିପତ୍ର ପ୍ରଦାନ କରାଯାଉଛି।

## ନୀଳମଣି କଲେଜ ରେଞ୍ଜର ଲିଡରଙ୍କୁ ପ୍ରଶିକ୍ଷଣ

**ରୂପ୍‌ସା, ୧।୭(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି କଲେଜରେ ଥିବା ରେଞ୍ଜର ୟୁନିଟ୍ ପାଇଁ ଇତିହାସ ବିଭାଗ ଅଧାପିକା ଡ. ଆରୁଣୀ ମିଶ୍ର ପ୍ରଥମ କରି ରେଞ୍ଜର ଲିଡ଼ର ଭାବେ ପ୍ରଶିକ୍ଷଣ ନେଇଛନ୍ତି। ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ଦ୍ୱାରା ଆୟୋଜିତ ଭୁବନେଶ୍ୱରସ୍ଥିତ ରାଜ୍ୟ ମୁଖ୍ୟ ପ୍ରଶିକ୍ଷଣ କେନ୍ଦ୍ରରେ ବେସିକ ରେଞ୍ଜର ଲିଡ଼ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସେ ଭାଗ ନେଇ ପ୍ରଶିକ୍ଷଣ ଲାଭ କରିଛନ୍ତି। ଜୁନ୍ ୨୪ରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଶିବିରରେ ଡ. ମିଶ୍ର ଯୋଗଦେଇ ସ୍କାଉଟ୍ ଗାଇଡ୍‌ର ମୌଳିକ ନୀତି, ପ୍ରାଥମିକ ଚିକିତ୍ସା, ଗୋଷ୍ଠୀ ଉନ୍ନୟନ ଓ ସ୍ୱେଚ୍ଛା ରକ୍ତଦାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତାଲିମ ଗ୍ରହଣ କରିଥିଲେ। ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡାଙ୍କ ଅନୁମୋଦନକ୍ରମେ ତାଙ୍କୁ ମନୋନୀତ କରାଯାଇଥିଲା। ତାଲିମ ପାଇବା ପରେ ସେ ମହାବିଦ୍ୟାଳୟସ୍ତରୀୟ ରୋଭର ଓ ରେଞ୍ଜର ୟୁନିଟ୍ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ ସହ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟରେ ସାମିଲ ହେବା ଦିଗରେ କାର୍ଯ୍ୟଧାରା ବଜାୟ ରଖିବେ ବୋଲି ସୂଚନା ଦେଇଛନ୍ତି।

## ଭିନ୍ନକ୍ଷମ ବିଦ୍ୟାଳୟକୁ ମିଳିଲା କମ୍ପ୍ୟୁଟର

**ଜଳେଶ୍ୱର, ୧।୭(ଡି.ଏନ.ଏ.)**

**ଲାୟନ୍ସ କ୍ଲବର ଅଧିଷ୍ଠାନ ଦିବସ**


ଅଧିଷ୍ଠାନ ଉତ୍ସବରେ ଲାୟନ୍ସ କ୍ଲବର କର୍ମକର୍ତ୍ତା।

ଜଳେଶ୍ୱରସ୍ଥିତ ଲାୟନ୍ସ କ୍ଲବର ୨୦ତମ ଅଧିଷ୍ଠାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଜଳେଶ୍ୱର ସହର ନନ୍ଦିକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ଅଧ୍ୟୟନରତ ଦୃଷ୍ଟିହୀନ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ୨୨ଲକ୍ଷ ଟଙ୍କା ବ୍ୟୟବରାଦରେ ଅତ୍ୟାଧୁନିକ ତଥା ଉନ୍ନତ ବୈଷୟିକ କମ୍ପ୍ୟୁଟର ଉପକରଣ କ୍ଲବ ତରଫରୁ ପ୍ରଦାନ କରାଯାଇଛି। ଫଳରେ ଦୃଷ୍ଟିହୀନ ଛାତ୍ରୀଛାତ୍ର ଏଣିକି ଉକ୍ତ କମ୍ପ୍ୟୁଟର ମାଧ୍ୟମରେ କମ୍ପ୍ୟୁଟର ଶିକ୍ଷା ନେଇପାରିବେ। ପ୍ରଥମଥର ପାଇଁ ଏହିଭଳି ଦୃଷ୍ଟିହୀନ ଜ୍ଞାନକୌଶଳ ଜନିତ କମ୍ପ୍ୟୁଟର ଶିକ୍ଷା ବ୍ୟବସ୍ଥାକୁ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଉପଜିଲାପାଳ ନୀଲୁ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୨୦୧୯-୨୦ ବର୍ଷ ପାଇଁ ସଭାପତି ଭାବେ କପିଳେଶ୍ୱର ମହାନ୍ତି, ସମ୍ପାଦକ ଭାବେ ପ୍ରଭାସଚନ୍ଦ୍ର ଗିରି, କୋଷାଧ୍ୟକ୍ଷ ଭାବେ ତାରାପଦ କରଙ୍କୁ ନୂତନ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ନର ଚନ୍ଦ୍ରଶେଖର ପଟ୍ଟନାୟକ, ଅଧିଷ୍ଠାନ ଅଧିକାରୀ ଭାବେ ପ୍ରଭାତ ମହାନ୍ତି, ମୁଖ୍ୟବକ୍ତା ଭାବେ ଡାକ୍ତର ଭାବଗ୍ରାହୀ ପତ୍ରୀ, ଅନ୍ୟତମ ବକ୍ତା ଭାବେ ପ୍ରଭାତ ପାଲିତ୍, ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ନୀଲୁ ମହାପାତ୍ର, ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ରହି ଜଳେଶ୍ୱର ଲାୟନ୍ସ କ୍ଲବର ସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ମାନବ ସେବା ପାଇଁ ଉତ୍ସର୍ଗୀକୃତ ହେବାକୁ ପ୍ରବର୍ତ୍ତାଇଥିଲେ।

## ସରିଲା ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବାହାନଗା,୧।୭(ଡି.ଏନ.ଏ.)**


ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠାର ଶେଷ ଦିନରେ ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଉଛି।

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଆପିଡ୍ରା ଗ୍ରାମର ମା' ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ଅଧିବାସ ସମେତ ମହିଳାଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା କରାଯିବା ସହିତ ମା'ଙ୍କ ନୂତନ ଘଟୋ ଓ ଶକ୍ତି ସ୍ଥାପନ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ଓ ମା'ଙ୍କ ପୁରୁଣା ଘଟ ବଦଳା ଯାଇ ନୂତନ ଘଟ ସ୍ଥାପନ ନିମନ୍ତେ କର୍ତ୍ତୀ ଓ କର୍ତ୍ତା ଭାବେ କରୁଣାକର ପଣ୍ଡା, ମୀନତି ପଣ୍ଡା, ନିରଞ୍ଜନ ପଣ୍ଡା, ଅତୁସୀବାଳା ପଣ୍ଡା, ରବିନାରାୟଣ ପଣ୍ଡା, ଲଳତାମାଳୀ ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ସେହିପରି ୯ଜଣ ବ୍ରାହ୍ମଣଙ୍କ ଦ୍ୱାରା ନୂତନ ମନ୍ଦିର ପ୍ରତିଷ୍ଠା ଓ ମା'ଙ୍କ ଶକ୍ତି ସ୍ଥାପନ କରାଯାଇଥିଲା। ଏଥିନିମନ୍ତେ ପ୍ରତ୍ୟେକ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରବିବାର ମା'ଙ୍କ ବିଭିନ୍ନ ପୂଜା ହେବା ସହିତ ମା'ଙ୍କ ଶକ୍ତିକୁ ନୂତନ ମନ୍ଦିର ଭିତରେ ସ୍ଥାପନ କରାଯାଇଥିଲା। ସୋମବାର ମା'ଙ୍କ ବିଭିନ୍ନ ପୂଜା ହେବା ସହିତ ସପ୍ତ ଚଣ୍ଡୀପାଠ କରାଯାଇଥିଲା। ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସୋମବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଛି। ଯଜ୍ଞ ହୋତା ଭାବେ ଜ୍ଞାନରଞ୍ଜନ କର କାର୍ଯ୍ୟ ତୁଲାଇଥିଲେ। ପୂଜା ଓ ଯଜ୍ଞର ଆଚାର୍ଯ୍ୟ ଭାବେ ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟ ତୁଲାଇଥିଲେ।

- ରୋଟାରୀ କ୍ଲବର ନୂତନ ପରିଚାଳନା ସମିତି

## ମାତୃଦତ୍ତ ସଭାପତି, ଉମାକାନ୍ତ ସମ୍ପାଦକ

**ବାଲେଶ୍ୱର ଅଫିସ, ୧।୭**

ବାଲେଶ୍ୱର ରୋଟାରୀ କ୍ଲବର ନୂତନ ପରିଚାଳନା ସମିତିର ସଦସ୍ୟମାନେ ସୋମବାରଠାରୁ ଦାୟିତ୍ୱ ନେଇଛନ୍ତି। ରୋଟାରୀ କ୍ଲବର ନିୟମାନୁସାରେ ୨୦୧୭ ଜାନୁୟାରୀ ମାସରେ ହୋଇଥିବା ସାଧାରଣ ବୈଠକରେ ୨୦୧୯ ମସିହା ପାଇଁ ନୂତନ ପରିଚାଳନା ସମିତି ଗଠନ କରାଯିବା ସହ ସଭାପତି ଭାବରେ ମାତୃଦତ୍ତ ଦାସ, ସମ୍ପାଦକ ଭାବେ ଉମାକାନ୍ତ ମିଶ୍ରଙ୍କୁ ଚୟନ କରାଯାଇଛି। ଉକ୍ତ ପରିଚାଳନା ସମିତି ୨୦୨୦ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ନିଜର ଦାୟିତ୍ୱ ତୁଲାଇବେ ସୂଚନା ମିଳିଛି। ପୂର୍ବତନ ସଭାପତି କର୍ଣ୍ଣେଲ ବିଦ୍ୟାଧର ସିଂଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ ମଧ ଆସନ୍ତା ୫ତାରିଖରେ ସ୍ଥାପନା ସମାରୋହ ଉତ୍ସବ ଆୟୋଜନ କରାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପରିଚାଳନା ସମିତିରେ ଉପସଭାପତି ଭାବେ ପ୍ରଭାତ ରଞ୍ଜନ ଜେନା, ସହସମ୍ପାଦକ ସୁସ୍ମୟ ଦାସ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ପଣ୍ଡା, ପ୍ରବଳ ସିଂ, କର୍ଣ୍ଣେଲ ବିଦ୍ୟାଧର ସିଂ, ଭାବଗ୍ରାହୀ ମହାନ୍ତି, ଯୋଗେଶ ଶାହ, ସ୍ୱପ୍ନ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ପୃଷ୍ଟି, ସୌରଭ କୁମାର ବେହେରା, ସୁବ୍ରତ କୁମାର କର, ଡା. ଅମିତାଭ ଗିରି, ଶାନ୍ତନୁ କୁମାର ପାଣି, ଯଶୋଦା ନନ୍ଦନ ଆଶ, ପରେଶ କୁମାର ଗାଣ, ସମର ତଳିଦ, ଭି. ଉଦୟ କୁମାର, ନିକୁଞ୍ଜ କିଶୋର ମହାନ୍ତି, ଡା. ରଶ୍ମିକାନ୍ତ ଜଗାନିଆ, ଡା. ଚିତ୍ତରଞ୍ଜନ ଦାସ, ଶୁଭେନ୍ଦୁ ଭୂଷଣ ବେହେରା, ରାମଚନ୍ଦ୍ର ଓଝା, ଶିବାନନ୍ଦ ଦାସମହାପାତ୍ର, ବିଶ୍ୱଦୀପ ପଣ୍ଡା, ଡା. ମନୋରଞ୍ଜନ ଦାସ, କଲ୍ୟାଣ କୁମାର ଚାନ୍ଦ, ଡା. ସୁବାଷ ଚନ୍ଦ୍ର ପାତ୍ର, ୟୁ.ଆର୍. ଦାସ, ଦେବେନ୍ଦ୍ର କୁମାର ଧଳ ପ୍ରମୁଖ ବିଭିନ୍ନ ପଦପଦବୀରେ ସ୍ଥାନ ପାଇଥିବା ଜଣାପଡ଼ିଛି।

# ଲଗାଣ ବର୍ଷାରେ ଭାସିଲା ସହର



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜମି ରହିଛି ବର୍ଷାପାଣି।


ଧାମରା ଥାନା ଭିତରେ ପାଣି ଜମିଛି।

■ବିଭିନ୍ନ ସ୍ଥାନରେ ଖାଲୁଆ ଅଞ୍ଚଳ ଜଳମଗ୍ନ
■ବାଦ୍ ପଡ଼ିଲାନି ଜିଲାପାଳଙ୍କ କାର୍ଯ୍ୟାଳୟ

ଭଦ୍ରକ ଅଫିସ, ୧।୭

ମୌସୁମୀର ୨ୟ ବର୍ଷାରେ ଭଦ୍ରକ ସହରର ସ୍ଥିତି ସଙ୍ଗିନ ହୋଇପଡ଼ିଛି। ସହରର ଖାଲୁଆ ଅଞ୍ଚଳରେ ବର୍ଷାପାଣି ଜମି ରହିଛି। ରବିବାର ଦିନତମାମ ଝିପିଝିପି ବର୍ଷା ଲାଗିରହିଥିଲା। ସୋମବାର ସକାଳଠାରୁ ଲଗାଣ ବର୍ଷାରେ ପୌରାଞ୍ଚଳର ବିଭିନ୍ନ ୱାର୍ଡ ଜଳମଗ୍ନ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ବର୍ଷାପାଣି ନିଷ୍କାସିତ ହୋଇ ନ ପାରି ଜମି ରହିଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଜିଲା ସାରା ଏଭଳି ବର୍ଷା ଲାଗିରହିଛି।

ଭଦ୍ରକ ଜିଲାରେ ମୋଟ ୭୩.୮ ମିଲିମିଟର ବର୍ଷା ହୋଇଥିବା ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଭଦ୍ରକରେ ୫ ମିଲିମିଟର, ଭଣ୍ଡାରିପୋଖରୀରେ ୧୭, ବାସୁଦେବପୁରରେ ୧୨, ବନ୍ତରେ ୫, ଚାନ୍ଦବାଲିରେ ୧୮.୮, ଧାମନଗରରେ ୯ ଓ ତିହିଡ଼ିରେ ୭ ମିଲିମିଟର ବର୍ଷା ହୋଇଥିବା ଜଣାପଡ଼ିଛି। ଲଗାଣ ବର୍ଷା ଦ୍ୱାରା ମୁଖ୍ୟତଃ ପୌରାଞ୍ଚଳର ୫ ଓ ୮ ନମ୍ବର ୱାର୍ଡ, କୁଆଁସ, ବନ୍ତ ଛକ, ଅପର୍ତ୍ତିବିନ୍ଧା ଛକ ରାସ୍ତା, ବୁଦ୍ଧବିହାର ଅଞ୍ଚଳବାସୀ ପ୍ରଭାବିତ ହୋଇଛନ୍ତି। ପୌରାଞ୍ଚଳ ଅଧୀନ ଚରମ୍ପା ଅଞ୍ଚଳର ୫ ନମ୍ବର ୱାର୍ଡର ଅଧିକାଂଶ ଅଞ୍ଚଳରେ ଡ୍ରେନ ନ ଥିବାରୁ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଏହି ୱାର୍ଡର ବହୁସଂଖ୍ୟକ ଲୋକଙ୍କ ଘରେ ବର୍ଷାଜଳ ପଶିଯାଇଛି। ୱାର୍ଡର ବିଭିନ୍ନ ସ୍ଥାନରେ ୨ ଫୁଟ ଉଚ୍ଚତାର ବର୍ଷାଜଳ ଜମି ରହିଥିବା ଦେଖିବାକୁ ମିଳିଛି। ସେହିପରି ତ୍ରୁଟିପୂର୍ଣ୍ଣ ଡ୍ରେନ ନିର୍ମାଣ ଯୋଗୁ ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ କୋର୍ଟ ପରିସର, ଭଦ୍ରକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାଣି ଜମି ଅବସ୍ଥା ବେହାଲ ହୋଇଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ରହିଥିବାରୁ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକେ ଜିଲାପାଳଙ୍କ ଅଫିସକୁ ଯିବା ପାଇଁ ଅସୁବିଧା ଭୋଗିଥିଲେ। ସେହିଭଳି ସହରର ମୁଖ୍ୟସ୍ଥଳ କୁହାଯାଉଥିବା ବନ୍ତ-ଅପର୍ତ୍ତିବିନ୍ଧା ଛକ ରାସ୍ତାରେ ବର୍ଷାଜଳ ଲହଡ଼ି ଭାଙ୍ଗିଛି। ଏପଟେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବଜାରରେ ପାଣି ନିଷ୍କାସିତ ହୋଇ ନ ପାରି ଦୋକାନ ଭିତରେ ପଶୁଥିବା ଦେଖାଯାଇଛି। ଏ ସମ୍ପର୍କରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ସାହୁ ମୁଖ୍ୟ ଡ୍ରେନ ଉପରେ ଜବରଦଖଲ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି, ଜବରଦଖଲମୁକ୍ତ ହେବା ପରେ ଡ୍ରେନ ସଫା କରାଯିବ ବୋଲି କହିଛନ୍ତି।

## ଧାମରା ଥାନାରେ ଆଣ୍ଠୁଏ ପାଣି

■କାର୍ଯ୍ୟ ବାଧାପ୍ରାପ୍ତ
■କଇଥଖୋଲାରେ ନିଷ୍କାସନ ଦାବିରେ ରାସ୍ତାରୋକୋ

ଚାନ୍ଦବାଲି, ୧।୭ (ଡି.ଏନ.ଏ.)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେବାରୁ ପ୍ରବଳ ଲଗାଣ ବର୍ଷା ଲାଗି ରହିଛି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଦୋସିଙ୍ଗା ପଞ୍ଚାୟତର ଶିଳ୍ପକ୍ଷେତ୍ର ଆଦାନୀ ପୋର୍ଟ ନିକଟରେ ନବନିର୍ମିତ ଧାମରା ଥାନା ବର୍ଷାଜଳରେ ଉବୁଟୁବୁ ହେଉଛି। ନୂତନ ଥାନା ହେବା ପରେ ଏହି ଥାନା ଅଧୀନରେ ୩ ପଞ୍ଚାୟତ ସହ ଆଦାନୀ ପୋର୍ଟ ରହିଛି। ବର୍ଷାଦିନ ପୂର୍ବରୁ ଥାନା ନିକଟରେ ଡ୍ରେନେଜ ବ୍ୟବସ୍ଥା କରାଯାଇ ନ ଥିବାରୁ ରବିବାରଠାରୁ ବର୍ଷା ଲାଗିରହିବାରୁ ଜଳ ନିଷ୍କାସିତ ହୋଇ ନ ପାରି ଥାନା ଭିତରକୁ ପ୍ରବେଶ କରିଛି। ଏବେ ଥାନା ଭିତରେ ଆଣ୍ଠୁଏ ଲେଖାଏ ପାଣି ଜମି ରହିଛି। ହାଜତ ଭିତରେ ୨ ଫୁଟର ପାଣି। ଫଳରେ ଅଫିସ ଟେବୁଲ, ଚେୟାର, କମ୍ପ୍ୟୁଟର ଆଦି ଅଧା ପାଣିରେ ବୁଡ଼ି ରହିଛି। ରବିବାରଠାରୁ ଥାନା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବର୍ଷାଋତୁ ଆରମ୍ଭରୁ ଥାନାରେ ଏଭଳି ଅବସ୍ଥା ହେଲେ ଆଗକୁ ସ୍ଥିତି କ'ଣ ହେବ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଧାମରା ନିକଟବର୍ତ୍ତୀ କଇଥଖୋଲା ବଜାରରୁ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ଲହଡ଼ି ଭାଙ୍ଗୁଛି। ଜଳ ନିଷ୍କାସନ ଦାବିରେ ସ୍ଥାନୀୟ ଲୋକେ ତଥା ବ୍ୟବସାୟୀ ରାସ୍ତା ଅବରୋଧ କରିଥିଲେ। ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଁଶଡ଼ା ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରଶାସନ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ଲାଗି ସ୍ଥାୟୀ ପଦକ୍ଷେପ ଗ୍ରହଣ ନ କଲେ ଅଞ୍ଚଳବାସୀ ନିରବ ହୋଇ ବସିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଧାମନଗର କୋର୍ଟରେ ପ୍ରଥମ ମହିଳା ବିଚାରପତି

ଧାମନଗର, ୧।୭ (ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ବିଚାର ବିଭାଗୀୟ କୋର୍ଟରେ ପ୍ରଥମ ମହିଳା ବିଚାରପତି ଭାବେ ବିଷ୍ଣୁପ୍ରିୟା ସାମନ୍ତରାୟ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ବିଚାରପତି ଜିତେନ୍ଦ୍ରୀୟ ପାଣିଗ୍ରାହୀଙ୍କ ବଦଳି ପରେ ନୂତନ ବିଚାରପତି ଭାବେ ସେ ଯୋଗଦାନ କରିଛନ୍ତି। ଧାମନଗର ଓକିଲ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଓକିଲ ସଂଘ ସଭାପତି ଅରୁଣ ପ୍ରକାଶ ନାୟକ, ସମ୍ପାଦକ ଅଭିରାମ ମହାନ୍ତି, ସରକାରୀ ଓକିଲ ବିଷ୍ଣୁମୋହନ ପତି, ଅମରେନ୍ଦ୍ର ମହାନ୍ତି, ବରିଷ୍ଠ ଓକିଲ ବାବା ହରେକୃଷ୍ଣ ସେଠୀ, ଲକ୍ଷ୍ମୀନାରାୟଣ ମହାପାତ୍ର, ମନୋଜ ଗୁପ୍ତା ଓ ଅଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କ ପକ୍ଷରୁ ରିଲିଫ ପାଣ୍ଠିକୁ ସହାୟତା

ଭଣ୍ଡାରିପୋଖରୀ, ୧।୭ (ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ଯଶୋଟିକିରି କ୍ଲଷ୍ଟର ଅଧୀନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଫନୀ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସୋମବାର ୫ ହଜାର ୪ ଶହ ଟଙ୍କା ପ୍ରଦାନ କରିଛନ୍ତି। ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ ପାଢୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। ଏବିଇଓ ଅଭିମନ୍ୟୁ ପ୍ରଧାନ, କୁଳମଣି ପତି, ପୁରୁଷୋତ୍ତମ ଧଳ, ଶିକ୍ଷା ସଂଯୋଜକ ପୁଷ୍ପକ ଚନ୍ଦ୍ର ଭାରତୀ, ଧୀରେନ ସାହୁ, ବିଭୂତି ଭୂଷଣ ମହାନ୍ତି ପ୍ରମୁଖ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### କବି ନିମାଇଁଙ୍କ ସ୍ମୃତିଚାରଣ

ତିହିଡ଼ି, ୧।୭ (ଡି.ଏନ.ଏ.): ତିହିଡ଼ି ବ୍ଲକ ଗୁଡୁପାଳ ଗ୍ରାମର ସ୍ୱର୍ଗତ କବି ନିମାଇଁ ଭୂୟାଁଙ୍କ ତ୍ରୟୋଦଶାହ ଉପଲକ୍ଷେ ସ୍ମୃତିସଭା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଗତିଶୀଳ ସାହିତ୍ୟ, ସଙ୍ଗୀତ ଓ ସାଂସ୍କୃତିକ ସଙ୍ଗଠନ ଶାଖା ପକ୍ଷରୁ ଆୟୋଜିତ ସଭାରେ ସଭାପତି କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ କବି ନିମାଇଁ ଜଣେ ନିରଳସ ସାଧକ ଥିଲେ ଏବଂ ଆଧ୍ୟାତ୍ମିକ ଚେତନା ପାଇଁ ସେ ଅନେକଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧାପକ କବି ହୃଦାନନ୍ଦ ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଗୋସ୍ୱାମୀ ଅଖାବାବା, ଅଧାପକ ବିଶ୍ୱରଞ୍ଜନ ଦାସ, କବି ସଞ୍ଜିତ କୁମାର ବଳ, ଖବରଦାତା ରାମନାରାୟଣ ନାୟକ, ସରପଞ୍ଚ କୀର୍ତ୍ତନ ରାଉତ, ସାମାଜିକ କର୍ମୀ ପୀତାମ୍ବର ସେଠୀ, ଗଣେଶ ନାୟକ, ଜିତେନ୍ଦ୍ର ବଳ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଗାଳ୍ପିକ କୈଳାସ ବେହେରା ଧନ୍ୟବାଦ ଦେଇଥିଲେ। ପାଲାଗାୟକ ସୁଧାକର ସେଠୀ, ପୀତାମ୍ବର ମହାଲିକ, ନୀଳାମ୍ବର ସେଠୀ, ବିଜୟ ମହାଲିକ ପ୍ରମୁଖ ସଭା ପରିଚାଳନା କରିଥିଲେ।

### ସ୍କୁଲ ପରିସରରୁ ଗଛକଟା ଅଭିଯୋଗ

ଭଣ୍ଡାରିପୋଖରୀ, ୧।୭ (ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ ନୋଡାଲ ସ୍କୁଲ ପରିସରରୁ ୫ଟି ବଡ଼ ବଡ଼ କଦମ୍ବ ଗଛ କଟାଯାଇଥିବା ନେଇ ଗ୍ରାମବାସୀ ସୋମବାର ବିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ କମିଟି ଛୁଟିଦିନରେ ଗଛଗୁଡ଼ିକ କାଟି ବିକ୍ରି କରିଦେଇଥିବା ଗ୍ରାମବାସୀ ଗୋପବନ୍ଧୁ ସାହୁ, ସୁବାସ ଦାସ, ଅକ୍ଷୟ ଭାରତୀ, ରୋହିତ ଭାରତୀ, ବୀରେନ୍ଦ୍ର ଭାରତୀ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ଅଭିଯୋଗ କରାଯାଇଛି। ଗଛ କଟା ସମ୍ପର୍କରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ବେହେରାଙ୍କୁ ଯୋଗାଯୋଗ କରିବାରୁ କହିଥିଲେ, ବିଦ୍ୟାଳୟ ଖୋଲିବା ପରେ କମିଟିକୁ ପଚାରିବାରୁ ତହସିଲ ପକ୍ଷରୁ ଅନୁମତି ପାଇ ଗଛ କଟାଯାଇଥିବା କୁହାଯାଇଥିଲା। କମିଟିକୁ ଅନୁମତିପତ୍ର ଦେଖାଇବା ପାଇଁ କହିବାରୁ ଆଜିକାଲି କହି ସମୟ ଗଡ଼ାଇ ଚାଲିଥିବା ସେ କହିଛନ୍ତି। ପ୍ରଧାନ ଶିକ୍ଷକ ସୋମବାର ଏ ନେଇ ଅଭିଯୋଗ ପତ୍ର ଡାକ ଯୋଗେ ତହସିଲଦାର, ବ୍ଲକ ଶିକ୍ଷାଧିକାରୀ ଓ ଥାନାଧିକାରୀଙ୍କ ନିକଟକୁ ପଠାଇଛନ୍ତି। ସରପଞ୍ଚ ଲକ୍ଷ୍ମୀପ୍ରିୟଦର୍ଶିନୀ ଭାରତୀ ଏହାକୁ ନାପସନ୍ଦ କରିଛନ୍ତି। ଧାମନଗର ବନ ବିଭାଗ ରେଞ୍ଜର ସମୀର କୁମାର ରାଉତ ଏଭଳି ଗଛକଟାକୁ ନାପସନ୍ଦ କରିବା ସହ ପଦକ୍ଷେପ ନେବାକୁ କହିଛନ୍ତି। ଘଟଣାର ଆବଶ୍ୟକ ତଦନ୍ତ କରାଯିବ ବୋଲି ବିଇଓ ଦୀପକ ପାଢୀ ସୂଚନା ଦେଇଛନ୍ତି।

## ଆତ୍ମରକ୍ଷା କୌଶଳ ଶିଖିବେ ୧୧୩୭ ବାଳିକା


ବାଳିକାମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରୁଛନ୍ତି।

ବନ୍ତ, ୧।୭ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲା ବନ୍ତ ବ୍ଲକର ୧୭ଟି ବିଦ୍ୟାଳୟର ୬ଷ୍ଠ, ୭ମ ଓ ୮ମ ଶ୍ରେଣୀର ୧୧୩୭ ବାଳିକାଙ୍କୁ ଆତ୍ମରକ୍ଷା ତାଲିମ କୌଶଳ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଗତ ଏପ୍ରିଲ ୩ ତାରିଖରୁ ଏହି ଶିବିର ଆରମ୍ଭ କରାଯାଇଥିଲା। ମଝିରେ ସ୍କୁଲ ଗ୍ରୀଷ୍ମ ଛୁଟି ରହିବାରୁ ଶିବିର ବନ୍ଦ ଥିଲା। ସ୍କୁଲ ଖୋଲିବା ପରେ ଗତ ୨୬ ତାରିଖଠାରୁ ଶିବିର ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ବ୍ଲକରେ ମୋଟ ୧୭ଟି ଶିବିର ଆୟୋଜନ ହେବାକୁ ଥିବାବେଳେ ସୋମବାର ସୁଦ୍ଧା ୧୨ଟି ଶେଷ ହୋଇଛି। ଆଉ ୫ଟି ଶିବିର ବାକି ରହିଛି। ଦୈନିକ ୨ଟି ଲେଖାଏ ଶିବିର ଅନୁଷ୍ଠିତ ହେଉଛି। ବାଳିକାମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରିବା ପାଇଁ ୬ କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନଙ୍କୁ ୩ଟି ଟିମ୍‌ରେ ଭାଗ କରାଯାଇଛି। ପ୍ରଥମ ଟିମ୍‌ରେ ଚିତ୍ରାବତୀ ବେହେରା, ଡଲିରାଣୀ ଦାସ, ୨ୟ ଟିମ୍‌ରେ ସୁଷମା ମଲ୍ଲିକ, ଶାଶ୍ୱତୀ ବିଶ୍ୱାଳ ଏବଂ ୩ୟ ଟିମ୍‌ରେ ବିଜୟଲକ୍ଷ୍ମୀ ମଲ୍ଲିକ, ସଙ୍ଗୀତାରାଣୀ ବେହେରା ପ୍ରମୁଖ ସାମିଲ ଅଛନ୍ତି। ଅଢ଼ାଳପଙ୍କସ୍ଥିତ କୃପାସିନ୍ଧୁ ହାଇସ୍କୁଲ, ସିନ୍ଧୁକେଶ୍ୱର ନୋଡାଲ, ଅଳଡତି ନୋଡାଲ, ପୁରୁଷୋତ୍ତମ ସେଠୀ ନୋଡାଲ, ତରାଗୋ ନୋଡାଲ, ନେହେରୁ ନୋଡାଲ ଉଚ୍ଚ ବିଦ୍ୟାପୀଠ, ତେଲନଟି ନୋଡାଲ ୟୁପି ଏମ୍‌ଇ ସ୍କୁଲ, ସନ୍ଦାଡୋ ନୋଡାଲ ୟୁପି ସ୍କୁଲ ସମେତ ୧୭ ବିଦ୍ୟାଳୟରେ ଶିବିର ଆୟୋଜନ କରାଯାଇଛି।

## ୩୨ ଅଭିଯୋଗର ମିଳିତ ଶୁଣାଣି

ଭଦ୍ରକ ଅଫିସ, ୧।୭

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୨ ଅଭିଯୋଗ ହସ୍ତଗତ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ଚିକିତ୍ସାଧିକାରୀ ଡା. ବାରିଶ ଦାସ, ଜିଲା ପ୍ରକଳ୍ପ ଅଧିକାରୀ ମଧୁସୂଦନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯୋଗଗୁଡ଼ିକ ଗ୍ରହଣ କରି ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଗ୍ରୀଷ୍ମପ୍ରବାହ କାରଣରୁ ଜନଅଭିଯୋଗ ଶୁଣାଣି ବନ୍ଦ ରହିଥିଲା।

■ ବିଦ୍ୟାଳୟ ତାଲା ଭାଙ୍ଗି ଚୋରି ଉଦ୍ୟମ

## ସିଝାଅଣ୍ଡା ଖାଇ ଫେରିଲେ

ଭଦ୍ରକ ଅଫିସ, ୧।୭

ଭଦ୍ରକ ପୌରାଞ୍ଚଳ ଅଧୀନ ନରିପୁର ପ୍ରାଥମିକ ବିଦ୍ୟାଳୟରୁ ରବିବାର ରାତିରେ ଚୋରି ଉଦ୍ୟମ କରାଯାଇଛି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ବଳ ସୋମବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଚୋରମାନେ ବିଦ୍ୟାଳୟର ମୁଖ୍ୟ ଫାଟକ, କାର୍ଯ୍ୟାଳୟ ଓ ଶ୍ରେଣୀଗୃହ ତାଲା ଭାଙ୍ଗି ଭିତରେ ପଶିଥିଲେ। କୌଣସି ଗୃହରେ କିଛି ନ ପାଇ କାର୍ଯ୍ୟାଳୟ ଭିତରେ ଥିବା କଞ୍ଚା ଅଣ୍ଡାକୁ ପାଖରେ ଥିବା ଗ୍ୟାସ୍‌ରେ ସିଝାଇ ଖାଇ ସେଠାରେ ଖୋଳ ପକାଇ ପଳାଇଯାଇଛନ୍ତି। ଯିବାବେଳେ ୩ଟି ପ୍ଲାଷ୍ଟିକ ଚେୟାର ନେଇଯାଇଛନ୍ତି। ଚୋରମାନେ ସ୍କୁଲ ଅଫିସ ଗୃହରେ ଆଲମାରୀ ଖୋଲି ସେଥିରୁ କିଛି କାଗଜପତ୍ର ଚେୟାର ଟେବୁଲ୍ ଉପରେ ଫିଙ୍ଗି ଚାଲିଯାଇଛନ୍ତି। ସକାଳୁ ସ୍ଥାନୀୟ ଲୋକେ ସ୍କୁଲର ଫାଟକ ଓ ଶ୍ରେଣୀଗୃହ ଖୋଲାଥିବା ଦେଖି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଖବର ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବଳ ସ୍କୁଲରେ ପହଞ୍ଚି ଏହା ଦେଖି ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଟାଉନ ଥାନାଧିକାରୀ ସରୋଜିନୀ ସିଂ ସ୍କୁଲରେ ପହଞ୍ଚି ଚୋର ଛାଡ଼ିଯାଇଥିବା ଏକ ଟାୱାଲକୁ ନେଇ ତଦନ୍ତ ଚଳାଇଛନ୍ତି।

## ଚୋରି ସାମଗ୍ରୀ ଉଦ୍ଧାର, ଜଣେ ଗିରଫ

ଭଦ୍ରକ ଅଫିସ, ୧।୭

ଭଦ୍ରକ ରାଣୀତାଲରେ ଘରଭଡ଼ା ନେଇ ରହୁଥିବା ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ଗୋପାଳପୁର ଗାଁର ଶେଖ୍ ସମିଦୁଲ୍‌ଙ୍କୁ ଚୋରି ଅଭିଯୋଗରେ ଗ୍ରାମାଞ୍ଚଳ ଥାନା ପୋଲିସ ସୋମବାର ଗିରଫ କରିଛି। ତାଙ୍କ ନିକଟରୁ ୮ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଆଲୁମିନିୟମ ତାର ଓ ୪ଟି ବ୍ୟାଟେରି ସମେତ ଚୋରି ସାମଗ୍ରୀ ଜବତ କରାଯାଇଛି। ଥାନାରେ ମାମଲା (ନଂ.୩୩୬/୧୯) ରୁଜୁ କରାଯାଇ ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଣ୍ଡାରିପୋଖରୀ, ୧।୭ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ପଞ୍ଚାୟତ ମଜୁରିଗଡିଆ ଗ୍ରାମଠାରେ ନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ୩ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଶନିବାର ମହିଳାମାନଙ୍କ ଦ୍ୱାରା ୧୦୮ କଳସରେ ସ୍ଥାନୀୟ ସତ୍‌ସଙ୍ଗ ବିହାର ପୋଖରୀରୁ ଜଳ ଅଣାଯାଇ ମନ୍ଦିର ପରିସର ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। କଳ୍ପନା ଜେନା ଓ ତାପସ ଜେନା କର୍ତ୍ତା ଭାବେ ସଂକଳ୍ପ କରିଥିଲେ। ପୂଜକ ଶ୍ରୀକାନ୍ତ ପଣ୍ଡା, ପର୍ଶୁରାମ ମିଶ୍ର, ଚନ୍ଦ୍ରମଣି ପାଣିଗ୍ରାହୀ, ଦୁଃଖୀରାମ ପତି ପୂଜାକାର୍ଯ୍ୟ ତୁଲାଇଥିଲେ। ପ୍ରକାଶ ଯେ, ଏହି ଗ୍ରାମର କୃଷ୍ଣଚନ୍ଦ୍ର ଜେନାଙ୍କୁ ଜଗନ୍ନାଥ ମନ୍ଦିର ପାଇଁ ସ୍ୱପ୍ନାଦେଶ ହୋଇଥିଲା। ୨୦୧୮ ମସିହା ଅକ୍ଷୟତୃତୀୟା ଦିନ ଗ୍ରାମରେ ଥିବା ଜଗନ୍ନାଥଙ୍କ ନିଜସ୍ୱ ଜମିରେ କୃଷ୍ଣଚନ୍ଦ୍ର ଓ ତାଙ୍କ ସ୍ତ୍ରୀ କୁମୁଦିନୀ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ମନ୍ଦିର ପାଖାପାଖି ୪୨ ଫୁଟର ଉଚ୍ଚ। ରବିବାର ନୀଳଚକ୍ର ସ୍ଥାପନା ଓ ନେତବନ୍ଧା ଯାଇଥିଲା। ସୂର୍ଯ୍ୟପୂଜା, ଗୋପୂଜା, କଳସ ମଣ୍ଡଳୀ ପୂଜା ସହ ଶ୍ରୀଗଣେଶ, ନୃସିଂହ, ବାମନ, ବରାହ, ନବଗ୍ରହ, ରାଧାକାନ୍ତ, ମହାଲକ୍ଷ୍ମୀ ପାର୍ଶ୍ୱ ଦେବଦେବୀଙ୍କୁ ସ୍ଥାପନ କରାଯାଇଥିଲା। ଯଜ୍ଞ ଅନୁଷ୍ଠିତ ହୋଇ ସୋମବାର ପୂର୍ଣ୍ଣାହୁତି ଦିଆଯାଇଥିଲା। ମଜୁରିଗଡିଆ ସମେତ ପାହିମହୁରା, କହରାପୋଖରୀ, ରାଜେନ୍ଦ୍ରପୁର, ଗୁହାଳିଆ, ପିରିପୁର ଆଦି ଗ୍ରାମବାସୀ ସହଯୋଗ କରିଥିଲେ।


ମନ୍ଦିର ପାଖରେ ଯଜ୍ଞ ଚାଲିଛି।

## ବେଧଡ଼କ ଚାଲିଛି ବାଲି ଉଠାଣ

ଆରଡ଼ି, ୧।୭ (ଡି.ଏନ.ଏ.)


ଷାଠିବାଙ୍କୁଡ଼ା ନିକଟରେ ଭୁଟୁଭୁଟିରେ ନଦୀରୁ ବାଲି ଉଠାଣ ହେଉଛି।

■ଦୁର୍ବଳ ହେଉଛି ନଦୀବନ୍ଧ
■କର୍ମଚାରୀ ଅଭାବ ଦର୍ଶାଇ ନିଆଯାଉନି କାର୍ଯ୍ୟାନୁଷ୍ଠାନ

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ପଞ୍ଚାୟତସ୍ଥିତ ବୋଡ଼କ ଓ ଷାଠିବାଙ୍କୁଡା ନିକଟରେ ବୈତରଣୀ ନଦୀରୁ ଭୁଟୁଭୁଟି ଓ ବୁଡ଼ାଳିଙ୍କ ସାହାଯ୍ୟରେ ବେଧଡ଼କ ବାଲି ଉଠାଣ ଚାଲିଛି। ଏହି ବାଲି ଉଠାଣ ଯୋଗୁ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ଏହାକୁ ରୋକିବା ପାଇଁ ପ୍ରଶାସନିକ ସ୍ଥାଣୁତା ନେଇ ଅଭିଯୋଗ ହେଉଛି। ଲଗାଣ ବର୍ଷାରେ ସୋମବାର ମଧ୍ୟ ଏଠାରୁ ବାଲି ଉଠାଣ ହେଉଥିବା ଦେଖିବାକୁ ମିଳିଥିଲା। ଆଇନ ଅନୁସାରେ ବାଲି ଉପରେ ଯଦି ୫ ଇଞ୍ଚର ପାଣି ଥାଏ, ସେ ସ୍ଥାନରୁ ବାଲି ଉଠାଣ ହୋଇପାରିବ ନାହିଁ। ଏହି ଆଇନକୁ ବେଖାତିର କରି ପାଣିର ୫ରୁ ୭ ଫୁଟ ତଳୁ ବାଲି ଉଠାଣ କରାଯାଉଛି। ପେଟପାଟଣା ପାଇଁ କେତେକ ବ୍ୟକ୍ତି ବିପଜ୍ଜନକ କାର୍ଯ୍ୟରେ ନିଜକୁ ସାମିଲ କରି ନଦୀରେ ବୁଡ଼ି ବାଲି ଉଠାଉଛନ୍ତି, ଯାହା କି ମାନବାଧିକାର ଉଲ୍ଲଂଘନ ପରିସରକୁ ଆସୁଛି। ଅପ୍ରାପ୍ତବୟସ୍କ ପିଲା ବି ଏହି କାମରେ ନିୟୋଜିତ ହେବାକୁ ପଛାଉ ନାହାନ୍ତି। ବର୍ଷ ବର୍ଷ ଧରି ଏହି ପ୍ରକ୍ରିୟା ଚାଲୁ ରହିଥିଲେ ମଧ୍ୟ ଚାନ୍ଦବାଲି ତହସିଲ ପକ୍ଷରୁ ବର୍ଷରେ ଥରେ ଅଧେ ଚଢ଼ାଉ କରାଯାଉଥିବା ଅଭିଯୋଗ ହେଉଛି। ବାଲି ମାଫିଆଙ୍କ କବ୍‌ଜାରେ ଜିଲା ପ୍ରଶାସନ ରହିଥିବା ବୋଡ଼କ ଓ ଷାଠିବାଙ୍କୁଡ଼ା ଅଧିବାସୀ କହିଛନ୍ତି। ବାଲି ଉଠାଣ ଦ୍ୱାରା ନଦୀବନ୍ଧ ଧସୁଥିବା ଷାଠିବାଙ୍କୁଡ଼ା ଗ୍ରାମର ଲୋକେ ଅଭିଯୋଗ ଆଣିଛନ୍ତି।

ଷାଠିବାଙ୍କୁଡା ନଦୀବନ୍ଧରେ ପ୍ରତିବର୍ଷ ପଥରପ୍ୟାକିଂ କରାଯାଉଥିଲେ ହେଁ ତାହା ନଦୀ ମଧ୍ୟକୁ ଧସିଯାଉଛି। ଷାଠିବାଙ୍କୁଡା ଓ ବୋଡ଼କ ମଧ୍ୟସ୍ଥାନରେ ଥିବା ୨୦ ନମ୍ବର ଜାତୀୟ ରାଜପଥରେ ଅନୁରୂପ ପରିସ୍ଥିତି ସୃଷ୍ଟି ହେଉଛି। ଜଳସେଚନ ବିଭାଗର ଅଧିକାରୀ ଏହାକୁ ହୃଦୟଙ୍ଗମ କରି ଚାନ୍ଦବାଲି ତହସିଲଦାରଙ୍କୁ ଏ ବିଷୟରେ ଜଣାଇଛନ୍ତି। କର୍ମଚାରୀ ଅଭାବ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁ ନ ଥିବା ତହସିଲ ପକ୍ଷରୁ କୁହାଯାଉଛି। ଏହି ବେନିୟମ ବାଲି ଉଠାଣ ପ୍ରକ୍ରିୟା ପଛରେ ୨ଟି ରାଜନୈତିକ ଦଳର ହାତ ଥିବା ନେଇ ଚର୍ଚ୍ଚା ହେଉଛି। ଏହାକୁ ବନ୍ଦ କରିବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି। ଏ ସମ୍ପର୍କରେ ଷାଠିବାଙ୍କୁଡ଼ା ଗ୍ରାମର ଅଧିବାସୀ ନୀଳମଣି ବିଶ୍ୱାଳ କହିଛନ୍ତି, ନଦୀବନ୍ଧ ଦୁର୍ବଳ ହେବା ପଛରେ ବାଲି ଉଠାଣ ପ୍ରଥମ କାରଣ ଏବଂ ଏଥିଯୋଗୁ ପଥର ଧସୁଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯାଇ ଏହାକୁ ବନ୍ଦ କରାଯିବା ଜରୁରୀ। ଆରଡ଼ି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟଙ୍କୁ ଏ ବିଷୟରେ ପଚାରିବାରୁ କହିଥିଲେ, ଏଭଳି ଉପାୟରେ ନଦୀରୁ ବାଲି ଉଠାଇବା ବେଆଇନ। ବିଭିନ୍ନ ସମୟରେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ବାଲି ଉଠାଣକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏହାକୁ ବନ୍ଦ କରାଯିବା ପାଇଁ ନିଶ୍ଚୟ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଜୁଲାଇ ୨/୨୦୧୯ Balasore, Tuesday, July 2/2019



ଡିହକଖଡ଼ା ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର ଓ ଗ୍ରାମବାସୀ ଧାରଣା ଦେଇଛନ୍ତି।

# ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣା

**ଭୋଗରାଇ,୧।୭(ଡି.ଏନ.ଏ.)**

- ଗ୍ରାମବାସୀ, ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ
- ଶିକ୍ଷା ଅଧିକାରୀ ପହଞ୍ଚି ବୁଝାଶୁଝା କଲେ
- କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଲେ

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଡିହକଖଡ଼ା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ ଏବଂ ମଧ୍ୟାହ୍ନ ଭୋଜନରେ ଅନିୟମିତତା ଭଳି ଘଟଣା ନେଇ ସୋମବାର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ଶତାଧିକ ଗ୍ରାମବାସୀ ଓ ଛାତ୍ରୀଛାତ୍ର ସ୍କୁଲ ଗେଟ୍‌ରେ ତାଲା ପକାଇ ୧ ଘଣ୍ଟା ଧାରଣା ଦେଇ ବସିଥିଲେ। ଭୋଗରାଇ ସହକାରୀ ଶିକ୍ଷା ଅଧିକାରୀ ଯୋଗେଶ୍ୱର ଜେନା ଓ ସିଆର୍‌ସିସି ଅଶୋକ କୁମାର ସାହୁ ପହଞ୍ଚି ଗ୍ରାମବାସୀଙ୍କ ସମେତ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଅଭିଭାବକଙ୍କଠାରୁ ସମସ୍ତ ଅଭିଯୋଗ ଶୁଣିବା ପରେ ସେମାନେ ଶିକ୍ଷାନୁଷ୍ଠାନ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରିଥିଲେ।

ସ୍କୁଲ ପରିଚାଳନା କମିଟିର ସଭାପତି କୃପାସିନ୍ଧୁ ଗିରି, ଉପସଭାନେତ୍ରୀ ଶାନ୍ତିଲତା ଗିରି, ସମିତିସଦସ୍ୟ କମଳଲୋଚନ ଜେନା, ୱାର୍ଡ଼ମେମ୍ବର ରୁନୁ ମହାନ୍ତି, ଗୀତାରାଣୀ ଜେନା ପ୍ରମୁଖ କହିଥିଲେ, ଶିକ୍ଷାନୁଷ୍ଠାନରେ ପରିଚାଳନାଗତ ଅବ୍ୟବସ୍ଥା ଦୂର ନ ହେବାରୁ ଗ୍ରାମବାସୀ ବାଧହୋଇ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରିବା ଭଳି ଚରମ ପଦକ୍ଷେପ ନେଇଛନ୍ତି। ମଧ୍ୟାହ୍ନଭୋଜନ ଅନିୟମିତତା ସମ୍ପର୍କରେ ପୂର୍ବରୁ ଅଭିଯୋଗ କରାଯାଇଥିଲା। ସ୍କୁଲର ରେକର୍ଡ଼ପତ୍ର ଅନ୍ୟତ୍ର ନିଆଯିବା, ଦୀର୍ଘଦିନ ଧରି ପ୍ରଧାନ ଶିକ୍ଷକ ଅନୁପସ୍ଥିତ ରହିବା ଏବଂ ଛାତ୍ରୀଛାତ୍ରଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିବା ଭଳି ଘଟଣା ଅଭିଭାବକଙ୍କ ସମେତ ଗ୍ରାମବାସୀଙ୍କୁ କ୍ଷୁବ୍ଧ କରିଛି। ଭୋଗରାଇ ସହକାରୀ ଶିକ୍ଷା ଅଧିକାରୀ ଓ ସିଆର୍‌ସିସି ଏସବୁ ଅଭିଯୋଗ ସମ୍ପର୍କରେ ଫୋନ କରି ବ୍ଲକ ଶିକ୍ଷାଧିକାରୀ କାଳନ୍ଦୀଚରଣ ସୋରେନଙ୍କୁ ଅବଗତ କରାଇଥିଲେ। ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିବା ଲାଗି ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ସୁପାରିଶ କରଯିବା ସହ ଆଗାମୀ ୭ ଦିନରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସୋରେନ ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଏପରିକି ପୂର୍ବରୁ ପ୍ରଧାନଶିକ୍ଷକଙ୍କର ୨ ମାସର ଦରମା ଅଟକାଇ ରଖାଯାଇଥିବାର ଉପସ୍ଥିତ ଅଧିକାରୀ ସୂଚନା ଦେଇଥିଲେ। ଉଲ୍ଲେଖନୀୟ ଯେ, ଏହି ବିଦ୍ୟାଳୟରେ ୧୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଧାନଶିକ୍ଷକଙ୍କୁ ମିଶାଇ ୩ ଜଣ ଶିକ୍ଷକ ରହିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ତେଲକୋଇ, ୧।୭(ଡି.ଏନ.ଏ.):** ତେଲକୋଇ ଥାନା ସଲେଇକେନା ପଞ୍ଚାୟତ ରୁଗୁଡିହ ଗ୍ରାମରେ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଗୋପୀନାଥ ମୁଣ୍ଡା(୫୦) ନାମକ ଜଣେ ବ୍ୟକ୍ତି ପୋଖରୀରେ ଗାଧୋଇବା ସମୟରେ ପାଣିରେ ବୁଡି ଯାଇଥିଲେ। ଗ୍ରାମବାସୀ ଉଦ୍ଧାର କରି ପାରି ନ ଥିବା ବେଳେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ଗଛଲଗାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

**ଭଦ୍ରକ ଅଫିସ, ୧।୭:** କଦଳୀ ଗଛ ଲଗାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏ ନେଇ ଗତ ରବିବାର ଆହତ ଯୁବକଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ଗ୍ରାମାଞ୍ଚଳ ଥାନା ପୋଲିସ ୫ ଜଣଙ୍କ ବିରୋଧରେ ମାମଲା (ନଂ.୩୩୩/୧୯) ରୁଜୁ କରି ଆକ୍ରମଣକାରୀଙ୍କୁ ଖୋଜୁଛି। ପୋଲିସ ସୂଚନା ଅନୁଯାୟୀ, ଆମ୍ବରୋଳି ସାହାଡ଼ାଗଡ଼ିଆ ଗ୍ରାମର ରାଜକୁମାର ରାଉତ ଶନିବାର ନିଜ ଜାଗାରେ କଦଳୀ ଗଛ ଲଗାଉଥିଲେ। ସେହି ଗାଁର ସୁଶାନ୍ତ ସ୍ୱାଇଁଙ୍କ ସମେତ ୫ ଜଣ ଏହାକୁ ବିରୋଧ କରିଥିଲେ। ଏପରିକି ରାଜକୁମାରଙ୍କ ବାପା ଗଗନ ସଦାବର୍ତ୍ତ କେନାଲ ପୋଲ ନିକଟରେ କୌଣସି କାମ ପାଇଁ ଠିଆ ହୋଇଥିବା ବେଳେ ସୁଶାନ୍ତଙ୍କ ସମେତ ୫ ଜଣ ତାଙ୍କୁ ଲୁହାରଡ଼ ଓ ଭୁଜାଲିରେ ଆକ୍ରମଣ କରିଥିବା ଗଗନଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଅଭିଯୋଗରେ ଦର୍ଶାଇଛନ୍ତି। ଗଗନଙ୍କୁ ରକ୍ତାକ୍ତ ଅବସ୍ଥାରେ ପ୍ରଥମେ ଭଦ୍ରକ ଓ ପରେ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।




## ହତ୍ୟା ମାମଲା: ପ୍ରମାଣ ଅଭାବରୁ ଅଭିଯୁକ୍ତ ଖଲାସ

**ଆନନ୍ଦପୁର,୧।୭(ସ୍ୱ.ପ୍ର.):** ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ ସୋମବାର ଏକ ହତ୍ୟା ମାମଲାର ବିଚାର କରି ପ୍ରମାଣ ଅଭାବରୁ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏସଟି କେସ୍ ନଂ ୩/୧୮ ଓ ଜିଆର ମାମଲା (ନଂ ୪୮୧/୧୭) କେନ୍ଦୁଝର ଜିଲା ସୋସୋ ଥାନାରେ ଗତ ୨୭।୮।୨୦୧୭ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଥାନା ମାମଲା (ନଂ.୮୦/୧୭)। ସୁନ୍ଦରାପାଳ ଗ୍ରାମର ଚମ୍ପାବତୀ ପାତ୍ର ତାଙ୍କ ଯାଆ ସୂର୍ଯ୍ୟମଣି ପାତ୍ରଙ୍କୁ ହତ୍ୟା କରାଯାଇଥିବା ନେଇ ସୋସୋ ଥାନାରେ ଅଭିଯୋଗ କରିଥିଲେ। କଣ୍ଟିଗଡିଆ ଗ୍ରାମର ପ୍ରାଣକୃଷ୍ଣ ଜେନା, ହେମନ୍ତ ଜେନା ଓ ଅକ୍ଷୟ ସାଙ୍କ ନାମରେ ଅଭିଯୁକ୍ତ ଭାବେ ମାମଲା ରୁଜୁ ହୋଇଥିଲା। ସୋମବାର ମାନ୍ୟବର ଜିଲା ଅତିରିକ୍ତ ଦୌରାଜଜ୍ ଏହି ମାମଲାରେ ଦଫା ୩୦୨, ୨୦୧ ଓ ୩୪ ର ବିଚାର କରି ମୁଦାଲା ମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମୁଦାଲା ହେମନ୍ତ ଜେନାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ନଳିନୀ ରଞ୍ଜନ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ। ସରକାରଙ୍କ ତରଫରୁ ସରକାରୀ ଆଇନଜୀବୀ ମହେନ୍ଦ୍ର ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।






କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବ୍ୟବସାୟୀଙ୍କୁ ଥଇଥାନ ନେଇ ଜିଲାପାଳଙ୍କୁ ଦାବିପତ୍ର

**ଭଦ୍ରକ ଅଫିସ, ୧।୭**

ଭଦ୍ରକ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ଭେଟି ସ୍ଥାନୀୟ ବ୍ୟବସାୟୀଙ୍କ ସମସ୍ୟା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଭଦ୍ରକ ସହରରେ ଚାଲିଥିବା ଜବରଦଖଲ ଉଚ୍ଛେଦ ଦ୍ୱାରା ପ୍ରଭାବିତ ହେଉଥିବା କ୍ଷୁଦ୍ର ଓ ନାମମାତ୍ର ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ କରାଯିବା ପାଇଁ କଂଗ୍ରେସର ଏହି କମିଟି ଦାବି ଜଣାଇଛି। ମୁଖ୍ୟତଃ ସହରର ସୌନ୍ଦର୍ଯ୍ୟକରଣ ଲାଗି ମହତାବ ଛକଠାରୁ ଘୋଷରା ବଜାର ପର୍ଯ୍ୟନ୍ତ ପ୍ରଭାବିତ ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ କରାଇ ସେମାନଙ୍କୁ ଅନ୍ୟତ୍ର ନୂଆ ଦୋକାନ ଗୃହ କିମ୍ବା କେବିନ ସରକାରୀ ଖର୍ଚ୍ଚରେ ପ୍ରଶାସନ ଯୋଗାଇ ଦେବାକୁ କଂଗ୍ରେସର ନେତୃମଣ୍ଡଳୀ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ସେହିପରି ତହସିଲ ରୋଡ୍‌ରେ ଥିବା ମା' ତାରିଣୀ ମନ୍ଦିରକୁ ଅନ୍ୟତ୍ର ଥଇଥାନ କରାଯିବା ପାଇଁ ମଧ୍ୟ ଦାବି କରାଯାଇଛି। ଟାଉନ କଂଗ୍ରେସ ସଭାପତି ଅବଦୁଲ ମୋକିତ୍ ଖାଁ, ଭଦ୍ରକ ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ପ୍ରଫୁଲ୍ଲ ସାମଲ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପୀତବାସ ଧଳ, ସମ୍ପାଦକ ସେକ୍ ଜଫିରୁଦ୍ଦିନ, ପୂର୍ବତନ କାଉନସିଲର ସେକ୍ ଫଇଜୁଦ୍ଦିନ, ଅସରଫ୍ ଅଲ୍ଲୀ ଖାଁ, ରାଜନ ଲାହା, ସେକ୍ ତାରୋ, ସୁଲେମାନ ଖାଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ ଥଇଥାନ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସମ୍ପତ୍ତି ପାଇଁ ଗଣ୍ଡଗୋଳ: ମହିଳାଙ୍କ ସମେତ ୪ ଆହତ

**ବାଲେଶ୍ୱର ଅଫିସ,୧।୭**

ବାଲେଶ୍ୱର ଜିଲା ସିଂଲା ଥାନା ଲଙ୍ଗଳେଶ୍ୱର ଗ୍ରାମର ବିଜୟକୃଷ୍ଣ ଦାସ ଏବଂ ଅକ୍ଷୟ ଦାସଙ୍କ ପରିବାର ମଧ୍ୟରେ ସମ୍ପତ୍ତି ପାଇଁ ଦୀର୍ଘଦିନ ଧରି ବିବାଦ ଲାଗିରହିଛି। ରବିବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗି ଜଣେ ମହିଳା ଗୁରୁତର ହେବା ସହ ୪ଜଣ ଆହତ ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏନେଇ ବିଜୟକୃଷ୍ଣଙ୍କ ଭଣଜା କମଳଲୋଚନ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସିଂଲା ଥାନାରେ ମାମଲା (ନଂ. ୯୮/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାର ବିଭାଗୀୟ ସୂତ୍ରରୁ ପ୍ରକାଶ।

ଇଜିମାଇଲି ରାସ୍ତାକୁ ବନ୍ଦ କରିବାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅକ୍ଷୟ ରାସ୍ତାରେ ସିମେଣ୍ଟ ଖୁଣ୍ଟ ଓ ଲୁହା ତାରବାଡ଼ ଦେବାରୁ ବିଜୟକୃଷ୍ଣ ପରିବାର ଲୋକେ ବିରୋଧ କରିଥିଲେ। ଗ୍ରାମଲୋକଙ୍କ ସହାୟତାରେ କିଛି ସମୟ ଗଣ୍ଡଗୋଳ ବନ୍ଦ ହୋଇଥିଲେ ମଧ୍ୟ ପରେ ଅକ୍ଷୟଙ୍କ ପରିବାର ଲୋକ ଠେଙ୍ଗା, ବାଡ଼ି ଓ ଲୁହାର ଧାରୁଆ କାତି, ରଡ୍ ଭଳି ମାରଣାସ୍ତ୍ର ଧରି ବିଜୟକୃଷ୍ଣ ପରିବାର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ଅକ୍ଷୟଙ୍କ ଆକ୍ରମଣରେ ବିଜୟକୃଷ୍ଣଙ୍କ ପତ୍ନୀ ରୀତାରାଣୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ରକ୍ତ ଜୁଡୁବୁଡୁ ହୋଇ ଚିତ୍କାର କରୁଥିବା ବେଳେ ତାଙ୍କୁ ଉଦ୍ଧାର କରିବା ପାଇଁ ପରିବାର ଲୋକେ ପହଞ୍ଚିଥିଲେ। ଅକ୍ଷୟଙ୍କ ପତ୍ନୀ, ପୁଅ, ବୋହୂ ସମସ୍ତଙ୍କୁ ନିର୍ଘୁମ୍ ମାଡ଼ ମାରିଥିଲେ। ଏଥିରେ ବିଜୟକୃଷ୍ଣଙ୍କ ପରିବାରର ସୁମନ୍ତ ଦାସ, ମନ୍ମଥ ଦାସ, ସବିତା ଦାସ ଆହତ ହୋଇ ପ୍ରଥମେ ବସ୍ତା ଡାକ୍ତରଖାନାରେ ଚିକିତ୍ସା ପାଇଁ ପହଞ୍ଚିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ରୀତାରାଣୀଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ସୋମବାର ମଧ୍ୟାହ୍ନରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ବିଷାକ୍ତ ଦ୍ରବ୍ୟ ଖାଇ ନାବାଳିକା ମୃତ

**କେନ୍ଦୁଝର:୧।୭( ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଘୁଡ଼ାଘାଗୁରୀ ଗ୍ରାମରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ କୌଣସି ବିଷାକ୍ତ ଦ୍ରବ୍ୟ ଖାଇଦେବାରୁ ମୃତ୍ୟୁ ଘଟିଛି। ମୃତକ ନାବାଳିକାଙ୍କ ନାମ ସମ୍ବାରି ହେମ୍ବ୍ରମ (୧୪)। ପରିବାର ଲୋକ ଝିଅଙ୍କୁ ଛାଡି ଏକ ସମ୍ପର୍କୀୟ ଘରକୁ ଏକ ଶୁଦ୍ଧି କାର୍ଯ୍ୟ ରେ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଗାଁ ଲୋକେ ଝିଅ ବାନ୍ତି କରୁଥିବା ଖବର ଦେବାପରେ ସେମାନେ ଫେରି ଆସି ତୁରନ୍ତ ଝିଅକୁ କରଞ୍ଜିଆ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ କରଞ୍ଜିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଭିଆଇପି ରୋଡରେ ପାଣିର ସୁଅ

**ଆନନ୍ଦପୁର,୧।୭(ସ୍ୱ.ପ୍ର.)-** ଆନନନ୍ଦପୁର ପୌରପରିଷଦ ଖପରାଖାଇ ଠାରୁ ଘସିପୁରା ଗ୍ୟାରେଜ ଛକ ପର୍ଯ୍ୟନ୍ତ ନବ ନିର୍ମିତ ଭିଆଇପି ରୋଡ ସବୁବେଳ ପାଇଁ ଚର୍ଚ୍ଚାର ପରିସରରେ ରହିଆସିଛି। ନିର୍ମାଣ ହେବାର ମାସ କେଇଟା ପରେ ବାଉଁଶନାଳି ପୋଲ ନିକଟରେ ରାସ୍ତା ଫାଟି ଆଁ କରିବା, ସାଇଡ୍ ୱାଲ ସତ୍ତ୍ୱେ ଭିଆଇପି ରୋଡର ୩୦ ମି. ରାସ୍ତା ଧସିଯିବା ଠାରୁ ଆରମ୍ଭ କରି ନିମ୍ନମାନର ନିର୍ମାଣ କାର୍ଯ୍ୟ ଏହାକୁ ଚର୍ଚ୍ଚିତ କରିଛି। ଏବେ ଲଘୁଚାପ ବର୍ଷାରେ ଭିଆଇପି ରୋଡରେ ପାଣିର ସୁଅକୁ ନେଇ ଚର୍ଚ୍ଚା ହୋଇଛି। ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଏହି ଭିଆଇପି ରୋଡରେ ଡ୍ରେନେଜ୍ ବ୍ୟବସ୍ଥା ସଠିକ୍ ନଥିବାରୁ ବର୍ଷାଜଳ ରାସ୍ତାରେ ଚାଲୁଛି। ଫଳରେ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ବିଭାଗୀୟ ଅଧିକାରୀ ତୁରନ୍ତ ଏ ଦିଗରେ ଧ୍ୟାନ ଦେବାକୁ ଦାବି ହୋଇଛି।

### ନିଯୁକ୍ତି ଭିତ୍ତିକ ଶିବିର

**ପାଟଣା,୧।୭(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ବ୍ଲକ ପରିସରରେ କେନ୍ଦ୍ର ସରକାରଙ୍କ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ଆନୁକୂଲ୍ୟରେ ଏକ ନିଯୁକ୍ତିଭିତ୍ତିକ ଦକ୍ଷତା ବୃଦ୍ଧି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ୨୦ଟି ପଞ୍ଚାୟତରୁ ୪୪୭ଜଣ ଯୁବତୀଯୁବକ ତାଲିମ ନିମନ୍ତେ ଆବେଦନ ପତ୍ର ଦାଖଲ କରିଛନ୍ତି। ମୋଟ ୧୯ଟି ଟ୍ରେନିଂ ଇନଷ୍ଟିଚ୍ୟୁଟ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ହୋଇଛି। ଏଥିରେ କମ୍ପ୍ୟୁଟର, ଇଲେକଟ୍ରୋନିକ, ଇଲେକ୍ଟ୍ରିକାଲ, ଡାଟା ଏଣ୍ଟ୍ରି, ମୋଟର ଯାନ ମରାମତି, ବ୍ୟାଙ୍କ ହିସାବ ନିରୀକ୍ଷକ, ରାଜମିସ୍ତ୍ରୀ ଓ ୱେଲଡିଙ୍ଗ ମିସ୍ତ୍ରୀ ସକାଶେ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ଓରମାସ ଯୁଗ୍ମ ନିର୍ଦ୍ଦେଶକ ସପନ ଗୋସ୍ୱାମୀ, ପ୍ରକଳ୍ପ ଅଧିକାରୀ ଶିବାଶିଷ ଦାସ, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ପ୍ରଫୁଲ କୁମାର ନାଏକ, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ ଓ ବିପିଏମ ମନୋରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

### ଭାଗବତ ଟୁଙ୍ଗି ପକ୍ଷରୁ ଆଲୋଚନାଚକ୍ର

**ଆନନ୍ଦପୁର, ୧।୭(ସ୍ୱ.ପ୍ର.)-** ଆନନ୍ଦପୁର ପୌରପରିଷଦ ଫକୀରପୁର ଠାରେ ଥିବା ଆଦ୍ୟବ୍ରହ୍ମ ଭାଗବତ ଟୁଙ୍ଗୀ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାଗବତ କାହିଁକି ପଢିବା ଏହାକୁ ପଢିବା ଦ୍ୱାରା ମନୁଷ୍ୟର କି ଉପକାର ପାଇବ ସେନେଇ ଆଲୋଚନା ହୋଇଥିଲା। ମୁଖ୍ୟବକ୍ତା ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକ ଉପସ୍ଥିତ ରହି ଭାଗବତ କଥାମୃତ ଉପରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ନରୋତ୍ତମ ଦାସ ଯୋଗଦେଇଥିଲେ। ଭାଗବତ ଟୁଙ୍ଗୀର ସଭାପତି ଶିକ୍ଷାବିତ୍ ସରୋଜ ସାହୁ, ଓଁର ମହାତ୍ମ୍ୟ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ବିଜୟ ଶେଣ୍ଡ, ଅନନ୍ତ ଦେହୁରୀ, ହରିହର ନାଥ, ଏକାଦଶୀ ନାଥ, ଆକୁଳି ସୁର, ଅନୀଲ ସାହୁ, କାମଦେବ ଗୁଇଁ, ପ୍ରାଣବନ୍ଧୁ ରଣା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ସୋସୋ-ଢେଙ୍କା ରାସ୍ତା ଅବସ୍ଥା ଶୋଚନୀୟ



**ହାଟଡିହୀ,୧।୭(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ବହୁ ଗୁରୁତ୍ୱପୂର୍ଣ୍ଣ ସୋସୋ- ଢେଙ୍କା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଅଞ୍ଚଳର ପ୍ରମୁଖ ରାସ୍ତା ଭାବେ ଜଣାଶୁଣା ଏହି ରାସ୍ତାରେ ପ୍ରତ୍ୟେକ ସ୍ଥାନରେ ବଡ ବଡ ଖାଲମାନ ସୃଷ୍ଟି ହୋଇଛି। ଅସରାଏ ବର୍ଷା ହେଲେ ପାଣି ଜମି ଯାତାୟାତ ଏକ ପ୍ରକାର ଅସହ୍ୟ ହୋଇପଡୁଛି। ଏହି ରାସ୍ତା ଭଦ୍ରକ-କେନ୍ଦୁଝର-ବାଲେଶ୍ୱର ଜିଲାକୁ ସଂଯୋଗ କରୁଥିଲେ ସୁଦ୍ଧା ଏହାର ସୁଧାର ଦିଗରେ କୌଣସି ବି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଜିଲାପାଳ ଲୋକମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ରାସ୍ତାର ଅବସ୍ଥାର ସୁଧାର ଦିଗରେ ପଦକ୍ଷେପ ଗ୍ରହଣ କରିବା ସାଧାରଣରେ ଦାବି ହୋଇଛି।

# ମୁଣ୍ଡବିହୀନ ଯୁବତୀଙ୍କ ମୃତଦେହ ଉଦ୍ଧାର

**କେନ୍ଦୁଝର, ୧।୭ (ସ୍ୱ.ପ୍ର.)**

- ୪ରୁ ୫ ଦିନ ତଳେ ହତ୍ୟା କରାଯାଇଥିବା ସନ୍ଦେହ
- ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଟିମ୍

କେନ୍ଦୁଝର ସଦର ଥାନା ଅନ୍ତର୍ଗତ କେନ୍ଦୁଝର- ମଇଦାନକେଲ ରାସ୍ତାର କାନକୁଲି ଘାଟୀ ସଂଲଗ୍ନ ବାସୁଦେବପୁର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ସୋମବାର ଜଣେ ଯୁବତୀଙ୍କ ମୁଣ୍ଡ ବିହୀନ ଗଳିତ ମୃତଦେହ ଉଦ୍ଧାର ହୋଇଛି । ଗ୍ରାମବାସୀ ଜଙ୍ଗଲକୁ ଯାଇଥିବାବେଳେ ସେଠାରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ଅପରାହ୍ନ ବେଳକୁ ପହଞ୍ଚି ତନାଘନା ଆରମ୍ଭ କରିଥିଲେ। କେହି ଦୁର୍ବୃତ୍ତ ବଳାତ୍କାର ପରେ ହତ୍ୟା କରି ଯୁବତୀଙ୍କ ମୁଣ୍ଡକୁ କାଟି ନେଇଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ପ୍ରାଥମିକ ତଦନ୍ତ ପରେ ପୋଲିସ କହିଛି ଯେ, ପ୍ରାୟ ୪ରୁ ୫ ଦିନ ଆଗରୁ ଯୁବତୀଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ଅନୁମାନ କରାଯାଉଛି। ମୃତଦେହ ସମ୍ପୂର୍ଣ୍ଣ ପଚିସଡି ଯାଇଛି। ମୃତା ଯୁବତୀଙ୍କ ମୁଣ୍ଡକୁ ଖୋଜାଚାଲିଛି। ଏହି ଘଟଣାରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଯୁବତୀଙ୍କୁ ଅନ୍ୟତ୍ର ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦିଆଯାଇଛି ବା ଏଠାରେ ହତ୍ୟା କରାଯାଇଛି ଏଭଳି ବିଭିନ୍ନ ପ୍ରଶ୍ନ ପୋଲିସକୁ ଚିନ୍ତାରେ ପକାଇଛି। ମୃତା ଯୁବତୀଙ୍କୁ ଚିହ୍ନଟ କରି ଏହି ରହସ୍ୟଜନକ ହତ୍ୟା ଘଟଣାର ପର୍ଦ୍ଦାଫାସ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି।

## ବେଆଇନ ବାଲିଘାଟ ବିରୋଧରେ ଅଭିଯୋଗ



ବ୍ରାହ୍ମଣୀଦେବୀ ମନ୍ଦିର ପାର୍ଶ୍ୱରେ ଥିବା ବାଲିଘାଟ।

**ଆନନ୍ଦପୁର, ୧।୭(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ବୈତରଣୀ ନଦୀର ଡାହାଣପାର୍ଶ୍ୱ ୧୩ ନଂ ଓାର୍ଡ ବ୍ରାହ୍ମଣୀ ଦେବୀ ମନ୍ଦୀର ପାର୍ଶ୍ୱରେ ବେଆଇନ ଭାବେ ଗଢି ଉଠିଥିବା ବାଲିଘାଟକୁ ବିରୋଧ କରି ସୁଦୁସୁଡିଆ ଗ୍ରାମବାସୀ ଘସିପୁରା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ବେଆଇନ୍ ବାଲି ଘାଟ ଦ୍ୱାରା ଧନ ଜୀବନ ହାନୀ, ରାସ୍ତା ନଷ୍ଟ, ବୈତରଣୀ ନଦୀର ଆଡିବନ୍ଧ ନଷ୍ଟ ଆଶଙ୍କା କରି ଏହାକୁ ବିରୋଧ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏପରିକି ଏହି ବାଲି ଘାଟ ବିନା ନୋଟିସ୍, ବିନା ଟେଣ୍ଡର, ବିନା ରୟାଲଟିରେ କିପରି ଚାଲିଛି ସେନେଇ ଗ୍ରାମବାସୀମାନେ ତହସିଲଦାରଙ୍କ ନିକଟରେ କୈଫୟତ ତଲବ କରିଛନ୍ତି। ବେଆଇନ୍ ଭାବେ ଏହି ବାଲି ଘାଟ ଚାଲୁଥିଲେ ବି ଘସିପୁରା ତହସିଲ କର୍ତ୍ତୃପକ୍ଷ ଏହାକୁ ରୋକିବାକୁ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମ ମଧ୍ୟ ଭାଗ ଦେଇ ଯାଇଥିବା ଖପରାଖାଇ – ପଞ୍ଚୁପଲୀ ରାସ୍ତା ଏହି ବାଲି ଘାଟ ଦ୍ୱାରା ଗୁରୁତର ଭାବେ ନଷ୍ଟ ହେଉଥିବା ମଧ୍ୟ ଗାଁ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ଦୈନିକ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଯାତାୟତ କରୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ତେବେ ତୁରନ୍ତ ଏହି ବାଲି ଘାଟକୁ ବନ୍ଦ କରା ନ ଗଲେ ଗାଁ ଲୋକେ ରାଜରାସ୍ତାକୁ ଓହ୍ଲାଇବା ସହ ଜନ ସ୍ୱାର୍ଥ ମାମଲା କରିବାକୁ ଚେତାବନୀ ଦେଇଛନ୍ତି। ଏହି ଅଭିଯୋଗର ନକଲ ଗ୍ରାମବାସୀମାନେ କେନ୍ଦୁଝର ଜିଲାପାଳ ଏବଂ ଆନନ୍ଦପୁର ଉପଜିଲାପାଳଙ୍କ ନିକଟକୁ ମଧ୍ୟ ପଠାଇଥିବା ଜଣାପଡିଛି। ଘସିପୁରା ତହସିଲଦାର ଏହି ବାଲିଘାଟ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବା ପାଇଁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ୬ ଅନାଥ ଭଉଣୀଭାଇଙ୍କୁ ଥଇଥାନ

**କେନ୍ଦୁଝର, ୧।୭ (ସ୍ୱ.ପ୍ର.)**

ସାହାରପଡା ବ୍ଲକ ଲୁଙ୍ଗା ଗ୍ରାମ ମୁଣ୍ଡା ସାହିରେ ବାପା ଓ ମା ଙ୍କୁ ହରାଇ ଅନାଥ ହୋଇଯାଇଥିବା ୬ ଶିଶୁଙ୍କୁ ପାଠ ପଢାଇବା ବ୍ୟବସ୍ଥା ପ୍ରଶାସନ କରୁଛି । ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଚିଫ ସେକ୍ରେଟାରୀ ହସ୍ତକ୍ଷେପ କରିଥିଲେ। ଚିଫ ସେକ୍ରେଟାରୀଙ୍କ ଆଦେଶ କ୍ରମେ ଜିଲାପାଳ ଆଶୀଷ ଠାକ୍ରେ ସେମାନଙ୍କ ଥଇଥାନ ପାଇଁ ପଦକ୍ଷେପ ନେଇଛନ୍ତି। ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ ଦାସ ଓ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ ସେମାନଙ୍କ ଘରକୁ ଯାଇ ସେମାନଙ୍କ ଅବସ୍ଥା ବୁଝିଥିଲେ । ସେମାନଙ୍କ ବାପା କିଡନୀ ରୋଗରେ ଆକ୍ରାନ୍ତ ହୋଇ ୨ ବର୍ଷ ତଳେ ଦେହାନ୍ତ ହେବା ପରେ ମା’ ସମ୍ବାରୀ ମୁଣ୍ଡା ଗତ ମାସ ୧୪ ତାରିଖରେ ମୃତ୍ୟୁବରଣ କରିବା ପରେ ପିଲାମାନେ ଅନାଥ ହୋଇଯାଇଥିଲେ। ସେମାନେ ପାଠ ପଢା ଛାଡି ପେଟ ପୋଷିବା ପାଇଁ କାମଧନ୍ଦା କରିବା ପାଇଁ ନିଷ୍ପତ୍ତି ନେବା ଘଟଣା ପରେ ଜୁନ ୨୫ ତାରିଖରେ ୬ ଅନାଥ ଭଉଣୀଭାଇ ନିରାଶ୍ରୟ ଶୀର୍ଷକ ଖବର ପ୍ରକାଶ ପାଇଥିଲା ।



ଶିଶୁମାନଙ୍କ ସହିତ ଜିଲା ମଙ୍ଗଳ ଅଧିକାରୀ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ।

ଧରିତ୍ରୀ ପ୍ରଭାବ

ଏନେଇ ଡିସିପିଓ ଶ୍ରୀମତୀ ବାରିକ ସୂଚନା ଦେଇଛନ୍ତି ଯେ, ବାଲମା ମୁଣ୍ଡା (ନବମ ଶ୍ରେଣୀ), ମିଞ୍ଜା ମୁଣ୍ଡା (ନବମ ଶ୍ରେଣୀ) ଓ ମଙ୍ଗୁଳୀ ମୁଣ୍ଡା (୮ମ ଶ୍ରେଣୀ)ଙ୍କୁ ଏସସି/ଏସଟି ବିଭାଗ ଅଧୀନରେ ଚାଲିଥିବା ଆବାସିକ ବିଦ୍ୟାଳୟ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଜାମୁଦାରେ ନାମ ଲେଖାଇବା ସହ କୃପାସିନ୍ଧୁ ମୁଣ୍ଡା (ଚତୁର୍ଥ ଶ୍ରେଣୀ) ଓ ଲିଲ୍ୟାମଣୀ ମୁଣ୍ଡା (ଦ୍ୱିତୀୟ ଶ୍ରେଣୀ)ଙ୍କୁ ରାମଚନ୍ଦ୍ରପୁର ଆଶ୍ରମ ବିଦ୍ୟାଳୟରେ ନାମ ଲେଖାଇବା ନେଇ ନିଷ୍ପତ୍ତି ହୋଇଛି। ସମ୍ପୃକ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନାମ ଲେଖା ନେଇ ଦୁଇ ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଷ୍ଟାଟସ ରିପୋର୍ଟ ଦେବାକୁ କୁହାଯାଇଛି । ଜାନକୀ ମୁଣ୍ଡା (ଦଶମ ପାସ)ଙ୍କୁ ସ୍କିଲ ଡେଭେଲପମେଣ୍ଟ କରି ଥଇଥାନ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ତାଙ୍କୁ ଘର ମିଳିଥିଲେ ହେଁ ଭଙ୍ଗାଦଦରା ଘରେ ରହୁଥିବାରୁ ସେମାନଙ୍କ ପାଇଁ ଆବାସ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି। ୬ ଶିଶୁ ମଧ୍ୟରୁ ୫ ଜଣ ବାଳିକା ଥିବାରୁ ସେମାନଙ୍କୁ ସୁରକ୍ଷା ଓ ଅନ୍ୟ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

## ବେକାର ଯୁବତୀଯୁବକଙ୍କୁ ଦିଆଗଲା ତାଲିମ

**ଝୁମ୍ପୁରା, ୧।୭ (ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବାଲିବନ୍ଧ ଗ୍ରାମର ଶିଶୁ ମନ୍ଦିର ପରିସରରେ ରବିବାର କୌଶଳ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ମନ୍ତ୍ରୀ କୌଶଳ ବିକାଶ ଯୋଜନା ଅନ୍ତର୍ଗତ ବଡବିଲ ୟୁନିଟର ଏହି ଦିନିକିଆ ମେଳା କାର୍ଯ୍ୟକ୍ରମରେ ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ଅର୍ଶଳା ସରପଞ୍ଚ ପ୍ରସନ୍ନ ନାଏକ, ନାରଦପୁର ସରପଞ୍ଚ ସୁଶୀଲ ନାଏକ, ନିଶ୍ଚନ୍ତପୁର ସରପଞ୍ଚ ଜ୍ଞାନରଞ୍ଜନ ମୁଣ୍ଡାଙ୍କ ସହିତ ଝୁମ୍ପୁରା ମଣ୍ଡଳ ସଭାପତି ମହେନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରଧାନ ମନ୍ତ୍ରୀ କୌଶଳ ଯୋଜନା (ବଡବିଲ) ୟୁନିଟ୍ ପକ୍ଷରୁ ଦେବାଶିଷ ନାଏକ, ଜଗନ୍ନାଥ ସ୍ୱାଇଁ, ଲୋକନାଥ ବେହେରା, ଶେଖନୁର ଯୋଗ ଦେଇଥିଲେ। କୌଶଳ ଯୋଜନାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷିତ ବେକାର ଯୁବତୀ/ଯୁବକଙ୍କୁ ଧନ୍ଦା ମୂଳକ ତାଲିମ ସମ୍ବନ୍ଧରେ ଅଧିକାରୀମାନେ ବୁଝାଇଥିଲେ। ତାଲିମ ନେଇ ଆତ୍ମନିର୍ଭରଶୀଳ ହେବା, ଚାକିରୀ କରିବା ସମ୍ବନ୍ଧରେ ବଡବିଲ ୟୁନିଟ୍‌ରେ ଥିବା ସିଲାଇ ମେଶିନ ଅପରେଟର, ସୋଲାର ପିଭିଇନଷ୍ଟଲର, ସିସିଟିଭି ଇନଷ୍ଟଲର ଟେକ୍ନିସିଆନ, ମେଟାଲ ଆର୍ଟ ୱେଲଡିଙ୍ଗ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଧନ୍ଦାମୂଳକ ତାଲିମ ପାଇଁ ରେଜିଷ୍ଟ୍ରେସନ କରାଇଥିଲେ।

## ସଡ଼କ ଦୁର୍ଘଟଣାରେ ୨ ମୃତ

- ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

**ଯୋଡ଼ା,୧।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅଞ୍ଚଳରେ ସୋମବାର ଦୁଇଟି ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ୨ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜୁରୁଡ଼ି -ବାମେବାରୀ ରାସ୍ତାର କ୍ରେଚ ହଟ୍ଟି ଠାରେ ଅପରାହ୍ନରେ ଏକ ଟ୍ରକ ଧକ୍କା ଦେବାରୁ ବାଇକ୍ ଚାଳକ ସୁଧିର ମହାତୋ(୪୨) ଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିଲେ। ଏନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଜୁରୁଡ଼ି -ବାମେବାରୀ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଉତ୍ୟକ୍ତ ଲୋକେ ଏହାର ପ୍ରତିବାଦ ଜଣାଇ ରାସ୍ତା ଅବରୋଧ କରିଥିଲେ। ପ୍ରାୟ ଦେଢ ଘଣ୍ଟା ଧରି ରାସ୍ତା ଅବରୋଧ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାରୁ ରାସ୍ତା ଅବରୋଧ ହଟିଥିଲା। ପୋଲିସ ସୂଚନା ଅନୁଯାୟୀ ବାଇକ ଚାଳକ ସୁଧୀର ଜୁରୁଡ଼ି ଠାରୁ ବାଂଶପାଣି ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ବାଇକ ପଛରେ ବସିଥିବା ଶ୍ରୀକାନ୍ତ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଯୋଡ଼ାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତ ସୁଧୀରଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ସିଆଲିଯୋଡ଼ାରେ। ଗୁରୁତର ଆହତ ଶ୍ରୀକାନ୍ତଙ୍କ ଘର ବିହାର ରାଜ୍ୟର ଔରାଙ୍ଗାବାଦରେ। ଦୁହେଁ ବାଂଶପାଣି ରେଲୱେ କଲୋନୀରେ ରହି କାମ କରୁଥିଲେ। ସେହିପରି ସୋମବାର ଭୋର ସମୟରେ ଜରିବାହାଲ ଠାରେ ଏକ ଗାଡ଼ି ଧକ୍କାରେ ବାଇକ ଆରୋହୀ ରଘ ମହାର ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା । ମୃତ ଯୁବକଙ୍କ ଘର ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ବିତାମାଝୀ ଗ୍ରାମରେ ବୋଲି ପୋଲିସ କହିଛି ।

## ଆନନ୍ଦପୁର ମହାବିଦ୍ୟାଳୟରେ ପ୍ରତିଷ୍ଠା ଦିବସ

**ଆନନ୍ଦପୁର,୧।୭(ସ୍ୱ.ପ୍ର.)**

ଆନନ୍ଦପୁର ମହାବିଦ୍ୟାଳୟର ୫୬ ତମ ପ୍ରତିଷ୍ଠା ଦିବସ ସୋମବାର ମହାବିଦ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରାଜେନ୍ଦ୍ର ନାରାୟଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ମହାବିଦ୍ୟାଳୟର ଅଧକ୍ଷ ନୃସିଂହ ଚରଣ ନନ୍ଦ, ପ୍ରଫେସର ଜଗନ୍ନାଥ ଶା, ଡିଏଫଓ ଅଜିତ୍ କୁମାର ଶତପଥୀ, ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ମାୟାଧର ଯେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଅତୀତ ସ୍ମୃତି ସମ୍ପର୍କରେ ଆଲୋଚନା କରିବା ସହିତ ମହାବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ମେଜର ଦିଲ୍ଲୀପ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏହି ଉତ୍ସବରେ ପ୍ରଫେସର ପ୍ରମୋଦ କୁମାର ରାଜଙ୍କୁ ତାଙ୍କ ଅବସର ପରେ ମହାବିଦ୍ୟାଳୟରେ ୧୦ ବର୍ଷ ଅବୈତନିକ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଚଳିତ ବର୍ଷ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଅର୍ଥନୀତିରେ ବିଶ୍ୱରଞ୍ଜନ ନାୟକ, ରସାୟନ ବିଜ୍ଞାନ ସମ୍ମାନରେ ସ୍ନେହଲତା ସାହୁ, ପ୍ରାଣୀ ବିଜ୍ଞାନ ସମ୍ମାନ ବିଭାଗରେ ମୋନାଲି ସାହୁଙ୍କୁ ତାଙ୍କ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ ୨ କଳା ବିଭାଗରେ ଦେବାଶିଷ ନାୟକ, ବାଣିଜ୍ୟରେ ଅନନ୍ୟା ପଣ୍ଡା, ବିଜ୍ଞାନରେ ସାଧନା ସତ୍ୟଜିତ୍ ସାହୁ, ଯୁକ୍ତ ୩ କଳାରେ ମିତା ପାତ୍ର, ବିଜ୍ଞାନରେ ସାଗରିକା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ପ୍ରତିଷ୍ଠା ଦିବସରେ ପ୍ରଫେସର ପ୍ରମୋଦ କୁମାର ରାଜଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ୭୦ତମ ବନ ମହୋତ୍ସବ ପାଳିତ

**ଝୁମ୍ପୁରା, ୧।୭(ଡି.ଏନ.ଏ.)**

ଜୁଲାଇ ୧ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ୭୦ତମ ବନ ମହୋତ୍ସବ ପାଳିତ ହେଉଥିବାବେଳେ ଏହି କ୍ରମରେ ଚମ୍ପୁଆ ବନାଞ୍ଚଳ ପକ୍ଷରୁ ବାଲିବନ୍ଧ ଫରେଷ୍ଟ ଅନ୍ତର୍ଗତ କାଶିପାଳ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ସୋମବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା ଯୋଗ ଦେଇଥିବାବେଳେ ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ର, ବାଲିବନ୍ଧ ବନପାଳ ଖଗେଶ୍ୱର ବାରିକ, ବାମେବାରୀ ବନପାଳ ଯତୀନ୍ଦ୍ର ସାହୁ, ଫକିର ସେନାପତିଙ୍କ ସମେତ ବହୁ ବନ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁ, ଗମ୍ଭାରୀ, ସାନ ଚାଖୁଣ୍ଡା, ଶିରୀଷ, ଖଇର, କର, ନିମ୍ବ, ଜାମୁ, ଶାଗୁଆନ ଚାରା ରୋପଣ କରାଯାଇଥିଲା। ସମୁଦାୟ ୮୦ହଜାର ଚାରା ରୋପଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧ମାସ ମଧ୍ୟରେ ଏହି ଚାରା ରୋପଣ ଶେଷ କରାଯିବ ବୋଲି ରେଞ୍ଜର ଘାସିନାଥ ପାତ୍ର ସୂଚନା ଦେଇଛନ୍ତି।

## ଆନନ୍ଦପୁରରେ ମହିଳାଙ୍କ ନିଶା ନିବାରଣ ଅଭିଯାନ

**ଆନନ୍ଦପୁର, ୧।୭(ସ୍ୱ.ପ୍ର.)**

ଗ୍ରାମ ଠାରୁ ପଞ୍ଚାୟତସ୍ତରରେ ନିଶା ମୁକ୍ତ ସମାଜ ଗଠନ ପାଇଁ ମହିଳାମାନେ ସଚେତନତା ରାଲି ମାଧ୍ୟମରେ ଆହ୍ୱାନ ଜଣାଇଛନ୍ତି। ଘର ଘର ବୁଲି ‘ନିଶାକୁ ନା’ ର ବାର୍ତ୍ତା ପ୍ରଦାନ କରିବା ସହିତ ନିଶାକାରବାରକୁ ରୋକିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ନିଶା ସେବନ ଦ୍ୱାରା ପରିବାର ତଥା ସମାଜରେ ହେଉଥିବା କ୍ଷତିକୁ ଦୂର କରିବା ପାଇଁ ମହିଳାମାନେ ଏଭଳି ପ୍ରୟାସ ଆରମ୍ଭ କରିଛନ୍ତି। କେନ୍ଦୁଝର ଜିଲା ଘସିପୁରା ବ୍ଲକ ଭଣ୍ଡାରିଡିହା ପଞ୍ଚାୟତର ଓଁ ସାଇ ବାବା ଆଗ୍ରହୀ ଗୋଷ୍ଠୀର ମହିଳାମାନେ ପଞ୍ଚାୟତରେ ନିଶାନିବାରଣ ସଚେତନତା ଆରମ୍ଭ କରିଛନ୍ତି। ପଞ୍ଚାୟତର ସମିତି ସଭ୍ୟ ପ୍ରକାଶ ରଞ୍ଜନ ପୁହାଣଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଣ୍ଡାରିଡିହା ପଞ୍ଚାୟତର ୯ ଗୋଟି ମହିଳା ସ୍ୱୟଂ ସହାୟକ ସଭାନେତ୍ରୀ ଓ ସମ୍ପାଦକ ନେତୃତ୍ୱ ନେଇଥିଲେ। ଉର୍ମିଳା ପଲେଇ, ରିନୁ ସେଠି, ଗୀତାଞ୍ଜଳୀ ରଣା, ବାସନ୍ତି ପୁହାଣ, ଲତିକା ନାୟକ, ସୁଭଦ୍ରା ରଣା, ବାସନ୍ତି ସେଠି, ମଧୁସ୍ମିତା ପଟ୍ଟନାୟକ, ପ୍ରେମଲତା ପଲେଇ, ମମତା ପଲେଇ ପ୍ରଭୃତି ସଭାନେତ୍ରୀ ଓ ସମ୍ପାଦିକା ମାନେ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ସଚେତନତା ରାଲିରେ ମହିଳାମାନେ ହାତରେ ଝାଡୁ ଧରି ନିଆରା ଢଙ୍ଗରେ ନିଶାମୁକ୍ତ ସଚେତନତା ରାଲିରେ ସାମିଲ ହୋଇଥିଲେ।



ନିଶା ନିବାରଣ ଅଭିଯାନରେ ମହିଳାଙ୍କ ସଚେତନତା ରାଲି।

# ରାସ୍ତାକଡ଼ରେ ଜଙ୍ଗଲୀ ଛତୁର ପସରା

**କେନ୍ଦୁଝର, ୧।୭(ସ୍ୱ.ପ୍ର.)**

ଛତୁ ଖାଇବାକୁ କିଏ ନ ଭଲ ପାଏ। ବର୍ଷା ଆରମ୍ଭ ହେଲେ ସକାଳୁ ବଣଜଙ୍ଗଲରେ ବିଭିନ୍ନ ରଙ୍ଗବେରଙ୍ଗର ଛତୁ ଫୁଟିଥାଏ। ଏହା ଦେଖିବାକୁ ଯେତିକି ସୁନ୍ଦର ହୋଇଥାଏ ତାହାର ସ୍ୱାଦ ମଧ୍ୟ ସେତିକି ଭଲ। ପିଲା ଠାରୁ ବୃଦ୍ଧ ସମସ୍ତେ ଛତୁ ଖାଇବାକୁ ଭଲ ପାଆନ୍ତି। କେନ୍ଦୁଝର ଜିଲା ପାହାଡ଼ି ଇଲାକା ହୋଇଥିବାରୁ ବନବାସୀଙ୍କ ଅର୍ଥନୀତିରେ ଛତୁ ଗୁରୁତ୍ୱ ବହନ କରିଥାଏ। ବର୍ଷା ଆସିଲେ ବଣ ଜଙ୍ଗଲରେ ଫୁଟିଥିବା ରଙ୍ଗବେରଙ୍ଗ ଛତୁକୁ ବନବାସୀ ସଂଗ୍ରହ କରି ହାଟବଜାରରେ ବିକି ଦୁଇ ପଇସା ରୋଜଗାର କରିଥାନ୍ତି। ସେହିପରି ରାସ୍ତାକଡ଼ରେ ସେମାନେ ଛତୁର ପସରା ମେଲାଇ ଗ୍ରାହକ ଅପେକ୍ଷାରେ ବସିଥାନ୍ତି। ବିଭିନ୍ନ ପ୍ରକାରର ଛତୁ ମଧ୍ୟରୁ ଏବେ ପିଚ, ବାନ୍ସୁ, ମଣ୍ଡା, ପତୁରିଆ ଆଦି ଛତୁ ମିଳିଥାଏ।

ଝିପି ଝିପି ବର୍ଷାରେ ସେମାନେ ସକାଳୁ ଜଙ୍ଗଲ ଓ ପାହାଡକୁ ଟୋକିଲି, ବୋଝ, ବ୍ୟାଗ ଆଦି ଧରି ବାହାରିଯାଆନ୍ତି। ଛତୁ ସଂଗ୍ରହ କରି ବଜାରକୁ ଯାଇ ବିକିଥାନ୍ତି। ବର୍ଷା ଦିନ ଅଧିକ ହେଲେ ରୁଗୁଡା, ବିହୁଡୁଣୀ ଆଦି ଛତୁ ଫୁଟିଥାଏ। ଏହାର ଚାହିଦା ସବୁଠି ଅଧିକ ରହିଛି। ଏହି ଛତୁର ସ୍ୱାଦ ନିଆରା।



ଏନଏଚ ୪୯ କଡ଼ରେ ବିଭିନ୍ନ ଛତୁର ସମାହାର।

ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ ସବୁ ବର୍ଗର ଲୋକେ ବିଭିନ୍ନ ଛତୁ ତରକାରୀ କରି ବା ଏହାକୁ ତେଲରେ ଭାଜି କରିଖାଇଥାନ୍ତି। ଏଠାରୁ ଛତୁ ବେପାରୀ ମାନେ କିଣି ନେଇ କଟକ, ଭୁବନେଶ୍ୱର, ପାରଦୀପ ଆଦି ସହରକୁ ନେଇ ବିକି ବେଶ ଲାଭବାନ ହୋଇଥାନ୍ତି। ଛତୁ ତରକାରୀ ବଡ ବଡ ହୋଟେଲରେ ମଧ୍ୟ ପ୍ରସ୍ତୁତ ହୋଇଥାଏ । ଗ୍ରାହକ ମାନେ ଏହି ଛତୁ ଖାଇବାକୁ ବେଶ ଭଲ ପାଇଥାନ୍ତି। ବର୍ଷ ତମାମ ପାଳ ଛତୁ ଓ ବଟମ ଛତୁ ଖାଉଥିଲେ ହେଁ ବର୍ଷା ଦିନରେ ଏହି ସବୁ ଛତୁର ସ୍ୱାଦ ଅତ୍ୟନ୍ତ ନିଆରା। ପ୍ରାକୃତିକ ପରିବେଶରୁ ହିଁ ଛତୁର ଜନ୍ମ। ଜଙ୍ଗଲରୁ ପତ୍ର ଝଡା ଦେବା ପରେ ଶୁଖିଲା ପତ୍ର ମାଟିରେ ପଡି ମିଶିଯାଏ । ବର୍ଷା ହେଲେ ମାଟିରୁ ଏହି ଛତୁ ବାହାରିଥାଏ । ଏହାକୁ ବନବାସୀ ମାନେ ସଂଗ୍ରହ କରି ବିକିଥାନ୍ତି। ଛତୁ ଭାଗ ବଜାରରେ ୨୦ରୁ ୫୦ ଟଙ୍କାରେ ବିକ୍ରି ହୋଇଥାଏ। ସେହିପରି କିଲୋ ୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ । ତେବେ ଛତୁ ସଂଗ୍ରହକାରୀ ଅନେକ ସମୟରେ ଉପଯୁକ୍ତ ବଜାର ଅଭାବରୁ ବେପାରିଙ୍କ ଠକାମୀର ଶୀକାର ହୋଇଥାନ୍ତି। ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର । ତେବେ ବର୍ଷା ଦିନରେ ଅନେକ ସମୟରେ ବିଷାକ୍ତ ଛତୁ ଖାଇ ଲୋକେ ଅସୁସ୍ଥ ହୋଇଥାନ୍ତି। ଏପରିକି ମୃତ୍ୟୁମୁଖରେ ପଡନ୍ତି। ଏଣୁ ଏଥିପ୍ରତି ସାବଧାନ ରହିବା ଆବଶ୍ୟକ ବୋଲି ଜଡିବୁଟି ବିଶାରଦ ହରେକୃଷ୍ଣ ମହାନ୍ତି କହିଛନ୍ତି।